


## ପ୍ରଶାସନିକ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କଲେ ଉପଜିଲାପାଳ

ବୁଗୁଡ଼ା,୨।୧୦(ଡି.ଏନ.ଏ.)

ବୁଗୁଡ଼ା ଏନ୍ଏସିର ପ୍ରଶାସନିକ ଅଧିକାରୀ ଭାବେ ଭଞ୍ଜନଗର ଉପଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ଦାଶ ଏବଂ ପୌର କର୍ମଚାରୀ ସଂଘର ସଭାପତି ସନ୍ତୋଷ କୁମାର ପଣ୍ଡାଙ୍କ ନେତୃତ୍ୱରେ କର୍ମଚାରୀମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ। ପରିଷଦର ନିର୍ବାହୀ ଅଧିକାରୀ ଓ ପୌର କର୍ମଚାରୀଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଉପଜିଲାପାଳ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ପରେ ପରିଷଦର ପରିମଳ ବ୍ୟବସ୍ଥା, ଆଲୋକ ବ୍ୟବସ୍ଥା, ଜନମଙ୍ଗଳକାରୀ ଯୋଜନା ଆଦି ବିଷୟ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ପୌର କର୍ମଚାରୀମାନେ ପରିଷଦର ଦୋକାନ ବଜାର, ପରିବା ମାର୍କେଟ ଆଦିକୁ ଯାଇ ପଲିଥିନ ଓ ପ୍ଲାଷ୍ଟିକ ମୁକ୍ତ ବିଷୟରେ ସଚେତନ କରାଇଥିଲେ।




## ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା

# ଗଞ୍ଜାମ ଜିଲା: ସାମିଲ ହେବେ ୨.୬ ଲକ୍ଷ ହିତାଧିକାରୀ

ଛତ୍ରପୁର,୨।୧୦(ଡି.ଏନ.ଏ)

ଗଞ୍ଜାମ ଜିଲାରେ ମଙ୍ଗଳବାର ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ବଣ୍ଟନ ଆରମ୍ଭ ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ ଛତ୍ରପୁରସ୍ଥିତ ଡିଆରଡିଏ ସମ୍ମିଳନୀ ଗୃହରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏମ୍‌ପି, ଜିଲାପାଳ ଏବଂ ବିଧାୟକମାନେ ଯୋଗଦେଇ ହିତାଧିକାରୀମାନଙ୍କୁ ରାଶନ କାର୍ଡ ବଣ୍ଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲାପରିଷଦ ସଭାପତି ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହା ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଯେଉଁମାନେ ରାଶନ କାର୍ଡ ପାଇବାରୁ ବଞ୍ଚିତ ହୋଇଥିଲେ ସେମାନଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇଥିବା ସଭାପତି ବେହେରା କହିଛନ୍ତି। ରାଜ୍ୟ ଯୋଜନା କମିଟିର ସଭାପତି ତଥା ବ୍ରହ୍ମପୁର ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବ୍ରହ୍ମପୁର ଏମପି ସିଦ୍ଧାନ୍ତ ମହାପାତ୍ର, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ, ଆସିକା ବିଧାୟକ ଦେବରାଜ ମହାନ୍ତି, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ସାନଖେମୁଣ୍ଡି ବିଧାୟିକା ନନ୍ଦିନୀ ଦେବୀ ପ୍ରମୁଖ ଯୋଗଦେଇ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି କାର୍ଡରେ ବୁଧବାରଠାରୁ



ଜଣେ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରାଯାଉଛି।

### ରାଶନ କାର୍ଡ ବଣ୍ଟନ ଶୁଭାରମ୍ଭ

ରାଶନ ସାମଗ୍ରୀ ମିଳିବ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କହିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିରଞ୍ଚି ନାରାୟଣ ପ୍ରଧାନ ଏଥିରେ ସଂଯୋଜନା କରିଥିଲେ। ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଜିଲାର ୨ ଲକ୍ଷ ୬ ହଜାର ୭୦୦ ହିତାଧିକାରୀଙ୍କୁ ସାମିଲ କରାଯିବ। ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ ୮୨ ହଜାର ୨୦୦ ହିତାଧିକାରୀଙ୍କୁ ଏଥିରେ ସାମିଲ କରାଯାଇଛି। ବ୍ରହ୍ମପୁର ମହାନଗର ନିଗମ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ଡିଆରଡିଏ ପିଡି ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସମେତ ବିଡିଓ, ଏନଏସି ନିର୍ବାହୀ ଅଧିକାରୀ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପ୍ରତି ବ୍ଲକ ଓ ଏନଏସିରେ ରାଶନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ହେବ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

ଶେରଗଡ଼ ,୨।୧୦(ଡି.ଏନ୍.ଏ.)

ଶେରଗଡ ବ୍ଲକ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଆନୁଷ୍ଠାନିକ ଭାବେ ଶେରଗଡ ଚାରିଛକ ସ୍ଥିତ ବିଜୁ ପଟ୍ଟନାୟକ ଛକରୁ ମଙ୍ଗଳବାର ଶୁଭାରମ୍ଭ କରାଯାଇଛି। ବ୍ଲକ ଅଧକ୍ଷା ସାରସ ସ୍ୱାଇଁ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଆୟୋଜିତ ଏକ ପଥପ୍ରାନ୍ତ ସଭାରେ ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧକ୍ଷ ବାବୁଲା କୁମାର ଚୌଧୁରୀ, ହୀନ ବେହେରା, ମାଧବାନନ୍ଦ ପଣ୍ଡା, ଦୁର୍ଗାମାଧବ ବିଷୋୟୀ, ପର୍ଶୁରାମ ସ୍ୱାଇଁ, ବାବୁ ଦାଶ, ବୁଢା ପ୍ରଧାନ, ରାଧାକୃଷ୍ଣ ଡାକୁଆଙ୍କ ସମେତ ବହୁ କର୍ମୀ ଓ ନେତା ଯୋଗ ଦେଇଥିଲେ।

## ଶ୍ରମିକଙ୍କୁ ପରିଚୟ ପତ୍ର ବଣ୍ଟନ

ବୁଗୁଡ଼ା,୨।୧୦(ଡି.ଏନ.ଏ.)

ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ପଞ୍ଜୀକୃତ ଶ୍ରମିକମାନଙ୍କୁ ପରିଚୟପତ୍ର ଓ ବିଭିନ୍ନ ସହାୟତା ରାଶି ବଣ୍ଟନ ଶିବିର ସୋମବାର ସ୍ଥାନୀୟ ବିରଞ୍ଚି ନାରାୟଣ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଗଞ୍ଜାମ ଜିଲା ବିଜୁ ଶ୍ରମିକ ସାମ୍ମୁଖ୍ୟ ସଭାପତି ତଥା ବିଧାୟକ ଶ୍ରୀକାନ୍ତ ସାହୁ ଯୋଗଦେଇ ୪୦୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ସରକାରୀ ସହାୟତା ରାଶି ପ୍ରଦାନ ସହ ଶ୍ରମିକ କାର୍ଡ ବଣ୍ଟନ କରିଥିଲେ। ଏଥିରେ ଭଞ୍ଜନଗର ସହକାରୀ ଶ୍ରମ ଅଧିକାରୀ ବୃନ୍ଦାବନ ସେଠୀ ଅଧକ୍ଷତା କରିଥିବା ବେଳେ ଗ୍ରାମିଣ ଶ୍ରମ ନିରୀକ୍ଷକ କୁମାରୀ ଭାରତୀ ବେହେରା, ବ୍ଲକ ବିଜେଡି ସଭାପତି ଇଂ. ମଦନ ଗୋପାଳ ଦୋରା, ନଗର ବିଜେଡି ସଭାପତି ରାଜେନ୍ଦ୍ର ପାଢ଼ୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଧାୟକ ୧୫୩ ଜଣଙ୍କୁ ୫ ଲକ୍ଷ ୫୫ ହଜାର ଟଙ୍କାର ଶିକ୍ଷା ସହାୟତା ରାଶି, ୬୮ ହଜାର ଟଙ୍କାର ପ୍ରସୂତିକାଳିନ ରାଶି, ୧ ଲକ୍ଷ ୫୦ ହଜାର ଟଙ୍କାର ମୃତ୍ୟୁକାଳିନ ସହାୟତା ରାଶି ହିତାଧିକାରୀଙ୍କୁ ପ୍ରଦାନ କରିଥିଲେ।

## କୂଅରେ ପଡ଼ି ନାବାଳକ ମୃତ

ଛତ୍ରପୁର,୨।୧୦(ଡି.ଏନ.ଏ)

ଛତ୍ରପୁର ଥାନା ବାସନାପଲ୍ଲୀ ଗାଁରେ ମଙ୍ଗଳବାର ସନ୍ଧ୍ୟାରେ କୂଅରେ ପଡି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତେଲାପଲ୍ଲୀ ଗାଁର ଜି. ଭଗବାନ ରେଡ୍ଡୀଙ୍କ ୮ ବର୍ଷିୟ ପୁଅ ଚରଣ। ବାସନାପଲ୍ଲୀରେ ଥିବା ଅଜା ଚେନ୍ନୟା ରେଡ୍ଡୀଙ୍କ ଘରେ ରହି ପାଠ ପଢୁଥିଲା। ବାପା ବାଙ୍ଗାଲୁରରେ ରହୁଛନ୍ତି। ପ୍ରକାଶ ଯେ, ଚରଣ ସନ୍ଧ୍ୟାରେ ଘର ନିକଟ ଏକ କୂଅରୁ ବାଲଟି ଯୋଗେ ପାଣି କାଢୁଥିବା ବେଳେ ହଠାତ୍ କୂଅରେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

ଆସିକା,୨।୧୦(ଡି.ଏନ୍.ଏ.)

ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀରେ ମଙ୍ଗଳବାର ବିଜେଡିର ବିଧାୟକ ଗୋଷ୍ଠି ଓ ଏମ୍‌ପି ଗୋଷ୍ଠୀଙ୍କ ପକ୍ଷରୁ ପୃଥକ୍ ପୃଥକ୍ ଭାବେ ବିଭିନ୍ନ ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା କରାଯାଇଥିଲା। ଉଭୟଗୋଷ୍ଠି ଆସିକା ବିଜୁ ପଟ୍ଟନାୟକ ଛକଠାରେ ନିଜ ନିଜ ସମର୍ଥକଙ୍କ ଗହଣରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ପଦଯାତ୍ରା ଆରମ୍ଭ କରିଥିଲେ। ବିଧାୟକ ଗୋଷ୍ଠି ପକ୍ଷରୁ ଏହି ବ୍ଲକର ଖଣ୍ଡଦେଉଳି ପଞ୍ଚାୟତରେ ଓ ଏମ୍‌ପି ଗୋଷ୍ଠି ପକ୍ଷରୁ ଚଢିଆପଲ୍ଲୀ ପଞ୍ଚାୟତରେ ପଦଯାତ୍ରା ଓ ପଥପ୍ରାନ୍ତ ସଭା ମାଧ୍ୟମରେ ବିଜେଡି ସରକାରଙ୍କ ବିଭିନ୍ନ ଜନାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ବିଧାୟକ ଗୋଷ୍ଠି ପକ୍ଷରୁ ବିଧାୟକ ଦେବରାଜ ମହାନ୍ତିଙ୍କ ନେତୃତ୍ୱରେ ହୋଇଥିବାଏହି ପଦଯାତ୍ରାରେ ବ୍ଲକ୍ ବିଜେଡି ସଭାପତି ବିଦ୍ୟାନ୍ତ ଚର୍ଚ୍ଚି, ଜିଲ୍ଲା ସମ୍ପାଦକ ନିରଞ୍ଜନ ସାହୁ, ଜିଲା ପରିଷଦ ସଦସ୍ୟ କୋକରାମ ଜେନା, ଶିବଶଙ୍କର ମହାନ୍ତି, ରାଜେଶ୍ ପଟ୍ଟନାୟକ, ଭଗବାନ ପ୍ରଧାନ, ବିପିନି ପାଢୀ, ମନୋରଞ୍ଜନ ପଣ୍ଡା ପ୍ରମୁଖ ସାମିଲ୍ ଥିଲେ। ସେହିଭଳି ଆସିକା ଏମପି ଲଡୁକିଶୋର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପଦଯାତ୍ରାରେ ଚଢିଆପଲ୍ଲୀ ପଞ୍ଚାୟତର ବିଭିନ୍ନଗ୍ରାମାଞ୍ଚଳରେ ହୋଇଥିବା ଏହି ପଦଯାତ୍ରାରେ ଆସିକା।ବ୍ଲକ୍ ଅଧ୍ୟକ୍ଷ ହରେକୃଷ୍ଣ ମଳିକ, ଯୁବନେତା ଟୁଟୁ ମଳିକ, ଦିଲିପ ପାଣିଗ୍ରାହୀ, ସତ୍ୟନାରାୟଣ ସ୍ୱାଇଁ, ସୂର୍ଯ୍ୟକାନ୍ତ ପରିଡା, ଅଭିମନ୍ୟୁ ନାହାକ, ସନ୍ତୋଷ ବେହେରା, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ କଳ୍ପନା ଭୋଳ ପ୍ରମୁଖ ସାମିଲ୍ ଥିଲେ।






## ସଂକ୍ଷେପରେ

### ଛାତ୍ର ନିର୍ଯାତନା ନିରୋଧ ଆଇନ ସମ୍ପର୍କରେ ସଚେତନତା ସଭା

ଦିଗପହଣ୍ଡି,୨।୧୦(ଡି.ଏନ.ଏ.): ଦିଗପହଣ୍ଡିସ୍ଥିତ ଖେମୁଣ୍ଡି କଲେଜରେ ସୋମବାର ଛାତ୍ର ନିର୍ଯ୍ୟାତନା ନିରୋଧ ଆଇନ ସମ୍ପର୍କରେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ମୁରଲୀଧର ପ୍ରଧାନ ସଭାରେ ଅଧକ୍ଷତା କରିଥିଲେ। ଅଧାପିକା ପ୍ରତିଭା ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅଧାପିକା ପ୍ରଣତି ପାତ୍ର, ଅଧାପକ ଗୌରାଙ୍ଗ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ ଛାତ୍ରୀଛାତ୍ରମାନେ କୌଣସି କନିଷ୍ଠ ଛାତ୍ରୀଛାତ୍ରମାନଙ୍କୁ କୌଣସି ପ୍ରକାର ନିର୍ଯ୍ୟାତନା ଶୋଷଣ କିମ୍ବା ଅତ୍ୟାଚାର କରିବା ପ୍ରମାଣିତ ହେଲେ ତାହା ଧର୍ତ୍ତବ୍ୟ ଅପରାଧ ଭାବେ ବିବେଚନା କରାଯିବ ବୋଲି ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଯାଇଥିଲା। ଛାତ୍ରୀ ଗାୟତ୍ରୀ ସେଠୀ, ଇତିଶ୍ରୀ ପଣ୍ଡା, ରୁପାଲି ପାଣିଗ୍ରାହୀ, ମନସ୍ମିତା ପ୍ରଧାନ, ଲିଜା ପ୍ରଧାନ ପ୍ରମୁଖ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ମେଡିକାଲ କଲେଜ, ରେଳ ସଂଯୋଗ ଆନ୍ଦୋଳନ ତେଜିଲା

ଫୁଲବାଣୀ ଅଫିସ, ୨।୧୦

କନ୍ଧମାଳ ଜିଲାରେ ମେଡିକାଲ କଲେଜ ସ୍ଥାପନ ଏବଂ ରେଳ ସଂଯୋଗ ଆନ୍ଦୋଳନ ପୁଣି ତେଜିଛି । କନ୍ଧମାଳ ପିପୁଲସ୍ ଫୋରମ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି । ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଜିଲାବାସୀଙ୍କ ସ୍ୱାର୍ଥକୁ ଦେଖି ତୁରନ୍ତ ରେଳ ସଂଯୋଗ ଓ ମେଡିକାଲ କଲେଜ ସ୍ଥାପନ କରିବାକୁ ସମସ୍ତେ ଦାବି କରିଛନ୍ତି । କନ୍ଧମାଳ ଜିଲା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ । ସ୍ୱାଧୀନତାର ୭୧ ବର୍ଷ ପରେ ବି ଏହି ଜିଲା ଅନ୍ୟ ଜିଲା ତୁଳନାରେ ପଛୁଆ ହୋଇ ରହିଛି । ଏହି ଜିଲାରେ ଏକ ମେଡିକାଲ କଲେଜ ସ୍ଥାପନ



ପିପୁଲସ୍ ଫୋରମ କର୍ମକର୍ତ୍ତା, ବୁଦ୍ଧିଜୀବୀ।

ପାଇଁ ବାରମ୍ବାର ଦାବି ହୋଇଆସୁଛି । ସେହିପରି ଯୋଗାଯୋଗ କ୍ଷେତ୍ରରେ ଜିଲାକୁ ରେଳ ସଂଯୋଗ ପାଇଁ ବହୁ ବାର ଆନ୍ଦୋଳନ ମଧ୍ୟ ହୋଇଛି । ତଥାପି କେନ୍ଦ୍ର କି ରାଜ୍ୟ ସରକାର କେହି ଏ ଦିଗରେ ଆନ୍ତରିକତା ଦେଖାଉ ନାହାନ୍ତି। ଖାଲି କଥା ଏବଂ ପ୍ରତିଶ୍ରୁତିରେ ବର୍ଷ ଗଡି ଚାଲିଛି । ତେଣୁ କନ୍ଧମାଳ ପିପୁଲ୍ସ ଫୋରମ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ଲକ୍ଷ୍ୟ ହାସଲ ପର୍ଯ୍ୟନ୍ତ ଚାଲିବ ବୋଲି କର୍ମକର୍ତ୍ତା ପ୍ରକାଶ କରିଛନ୍ତି । ଆବାହକ ସୁନିଲ ପଟ୍ଟନାୟକ, ସଭାପତି ରାଧାମୋହନ ମହାପାତ୍ରଙ୍କ ନେତୃତ୍ୱରେ ଜିଲାର ବୁଦ୍ଧିଜୀବୀମାନେ ଏହି ଧାରଣାରେ ସାମିଲ ହୋଇଥିଲେ ।

# ଶିକ୍ଷକ, ଅଧାପକ, କର୍ମଚାରୀଙ୍କ ଧାରଣା

ଫୁଲବାଣୀ ଅଫିସ, ୨।୧୦

ଓଡିଶା ସ୍କୁଲ କଲେଜ ଶିକ୍ଷକ ଅଧାପକ କର୍ମଚାରୀ ମିଳିତ ମଞ୍ଚ କନ୍ଧମାଳ ଶାଖା ପକ୍ଷରୁ ଗାନ୍ଧୀ ଜୟନ୍ତୀ ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି । ସରକାର ଦାବି ମାନି ନ ନେବା ପର୍ଯ୍ୟନ୍ତ ଅଗାମୀ ଦିନରେ ମଧ୍ୟ ଏହି ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସଂଘ କର୍ମକର୍ତ୍ତା ପ୍ରକାଶ କରିଛନ୍ତି । ଅଗଷ୍ଟ ୧୬ରୁ ଭୁବନେଶ୍ୱରରେ ଶିକ୍ଷକ ସଂଘ ଧାରଣା ଦେଇଛନ୍ତି, ସରକାର କିଛି ଶୁଣୁନାହାନ୍ତି । ଆଜି ପର୍ଯ୍ୟନ୍ତ କୌଣସି ସମାଧାନ ବାଟ ବାହାରି ପାରିଲା ନାହିଁ । ଫଳରେ ଛାତ୍ରୀଛାତ୍ରମାନେ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ଏହାଦ୍ୱାରା ସରକାରଙ୍କ ଶିକ୍ଷା ମାରଣନୀତି ସ୍ପଷ୍ଟ ଅନୁମେୟ ହେଉଛି। ଆମେ ପୁଣି ଏହି ଧାରଣା ଦେଇ ସରକାରଙ୍କ ନିକଟରେ ଅନୁରୋଧ କରୁଛୁ କି ଯେତେ ଶୀଘ୍ର ଦାବି ପୂରଣ ହେବ ସମସ୍ତେ ଆନ୍ଦୋଳନରୁ ଦୂରେଇ ରହି ଶିକ୍ଷାଦାନ କରିବେ ବୋଲି ସଂଘ କର୍ମକର୍ତ୍ତା ପ୍ରକାଶ କରିଛନ୍ତି । ଯୋଗ୍ୟ ବିବେଚିତ ଦିନଠାରୁ ସମସ୍ତ ସ୍କୁଲ ଓ କଲେଜକୁ ଅନୁଦାନ ପରିସର ଭୁକ୍ତ କରିବା, ଚାକିରି ସର୍ତ୍ତାବଳୀ ଏବଂ ଅବସରକାଳୀନ ଭତ୍ତା ପ୍ରଦାନ, ସପ୍ତମ ବେତନ କମିଶନ ଲାଗୁ କରିବା, ବକେୟା ଦରମା ପ୍ରଦାନ ଆଦି ଦାବିରେ ଧାରଣା ଦିଆଯାଇଥିଲା । ସଂଘ ସଭାପତି ମନୋରଞ୍ଜନ ରାଉତରାୟ, ସମ୍ପାଦକ ରଞ୍ଜନ କୁମାର ମହାନ୍ତି, ଉପ ସଭାପତି ପ୍ରଫୁଲ୍ଲ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ବିଶୋଇଙ୍କ ନେତୃତ୍ୱରେ ସମସ୍ତେ ଧାରଣାରେ ବସିଥିଲେ ।



ଶିକ୍ଷକମାନେ ଧାରଣାରେ ବସିଛନ୍ତି।

■ ଧାରା ୩୭୭ ଉଚ୍ଛେଦକୁ ସ୍ୱାଗତ

# ଆଇନ ବଦଳିଲା, ମାନସିକତା ବଦଳୁ

ବ୍ରହ୍ମପୁର ଅଫିସ୍,୨।୧୦

ସେପ୍ଟେମ୍ବର ୬ତାରିଖରେ ଧାରା ୩୭୭କୁ ନେଇ ସୁପ୍ରିମ୍‌କୋର୍ଟ ଯେଉଁ ଐତିହାସିକ ରାୟ ଶୁଣାଇଥିଲେ, ତାକୁ ବିଭିନ୍ନ କ୍ଷେତ୍ରରୁ ସ୍ୱାଗତ କରାଯାଇଥିଲା। ସମଲିଙ୍ଗୀ ଯୌନ ସମ୍ପର୍କ ଅପରାଧ ନୁହଁ ବୋଲି ସୁପ୍ରିମ୍‌କୋର୍ଟ କହିବା ସହ ଧାରା ୩୭୭କୁ ଉଚ୍ଛେଦ କରିଥିଲେ । ତେବେ ଆଇନ ସିନା ବଦଳିଗଲା, କିନ୍ତୁ ଲୋକଙ୍କ ମାନସିକତା ବଦଳିଛି କି ? ଏଭଳି କିଛି ପ୍ରଶ୍ନକୁ ନେଇ ମଙ୍ଗଳବାର ସ୍ଥାନୀୟ ସିଟି ମଲ୍‌ରେ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ନିଷ୍ଟ ଶିକ୍ଷାନୁଷ୍ଠାନର ଇନୋଭା କ୍ଲବ ଇନୋଭା ପକ୍ଷରୁ ଏହି ନାଟକ ଆୟୋଜିତ ହୋଇଥିଲା । ପୂର୍ବରୁ ସମଲିଙ୍ଗୀ ଯୌନ ସମ୍ପର୍କ ଅପରାଧ ଥିଲା। ଦୀର୍ଘ ବର୍ଷର ଲଢ଼େଇ ପରେ ସୁପ୍ରିମ୍‌କୋର୍ଟ ସମଲିଙ୍ଗୀଙ୍କୁ ସେମାନଙ୍କ ଅଧିକାର ଦେଇଛନ୍ତି। ସମାଜରେ ସମଲିଙ୍ଗୀମାନଙ୍କୁ ନୀଚ ଦୃଷ୍ଟିରେ ଦେଖାଯାଉଥିଲା । ସେମାନେ ଏକ ପ୍ରକାର ସାମାଜିକ ବାସନ୍ଦର ଶିକାର ହେଉଥିଲେ । କିନ୍ତୁ ବର୍ତ୍ତମାନ ସେମାନେ ସ୍ୱାଧୀନ, ପ୍ରେମର ସରହଦ ନାହିଁ । ପ୍ରେମରେ କଟକଣା ନାହିଁ। ମହିଳା ସମଲିଙ୍ଗୀ, ପୁରୁଷ ସମଲିଙ୍ଗୀ, ଉଭୟ ଲିଙ୍ଗୀ, ତୃତୀୟ ଲିଙ୍ଗୀ ଓ ଅସ୍ୱାଭାବିକ ସମ୍ପର୍କ ରକ୍ଷାକାରୀ(ଏଲ୍‌ଜିବିଟିକ୍ୟୁ) ଗୋଷ୍ଠୀ ଅନ୍ୟମାନଙ୍କ ସହ ସମାନ । ଆଇନ ବଦଳିଥିବା ବେଳେ ଏବେ ମାନସିକତା ମଧ୍ୟ ବଦଳିବା ଜରୁରୀ ବୋଲି ଏହି ନାଟକ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା । ଦାନିଶ ଅହମ୍ମଦ ଜାଫରୀ ନିର୍ଦ୍ଦେଶନା ଦେଇଥିବା ବେଳେ କ୍ଲବ ଇନୋଭା ସଭାନେତ୍ରୀ ଦିବ୍ୟା ନାୟକ ଏବଂ ଅନ୍ୟମାନେ ଅଭିନୟ କରିଥିଲେ ।

■ ଧରିତ୍ରୀ, ଓଡ଼ିଶା ପୋଷ୍ଟର ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ଅଭିଯାନ

# ସାମିଲ ହେଲେ ତନଭି ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର, କର୍ମଚାରୀ

ପୁରୁଷୋତ୍ତମପୁର,୨।୧୦(ଡି.ଏନ୍.ଏ.)

ଓଡ଼ିଆ ଖବରକାଗଜ ଧରିତ୍ରୀ ଓ ଇଂଲିଶ ଖବରକାଗଜ ଓଡ଼ିଶା ପୋଷ୍ଟ ପକ୍ଷରୁ ଆୟୋଜିତ ପ୍ଲାଷ୍ଟିକମୁକ୍ତ ଓଡ଼ିଶା କାର୍ଯ୍ୟକ୍ରମରେ ପୁରୁଷୋତ୍ତମପୁର ବ୍ଲକ ତାରାତାରିଣୀ ଛକରେ ଥିବା ତନଭି ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ, ଶିକ୍ଷକମାନେ ସାମିଲ ହୋଇଛନ୍ତି। ମଙ୍ଗଳବାର ଗାନ୍ଧୀ ଜୟନ୍ତୀ ଅବସରରେ ବିଦ୍ୟାର୍ଥୀ ଓ କର୍ମଚାରୀମାନେ ଶୋଭାଯାତ୍ରାରେ ପ୍ଲାଷ୍ଟିକ



ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନରେ ସାମିଲ ହୋଇଥିବା ତନଭି ପବ୍ଲିକ ସ୍କୁଲ ଛାତ୍ରୀଛାତ୍ର ।

ଓ ପଲିଥିନ ବର୍ଜନ ସହ ପରିବେଶକୁ ସ୍ୱଚ୍ଛ, ସୁରକ୍ଷା ରଖିବା ପାଇଁ ବିଭିନ୍ନ ସ୍ଲୋଗାନ ଦେଇ ଜନସାଧାରଣଙ୍କ ସହିତ ତାରିଣୀ ପୀଠକୁ ଆସିଥିବା ପର୍ଯ୍ୟଟକମାନଙ୍କୁ ମଧ ଏହାର କୁପ୍ରଭାବ ବିଷୟରେ ସଚେତନ କରାଇଥିଲେ। ସ୍କୁଲ ପରିଚାଳନା କମିଟିର ଅଧକ୍ଷ ନୀଳମାଧବ ସାବତ କହିଛନ୍ତି ଯେ, ପ୍ରତ୍ୟେକ ଦିନ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ପ୍ଲାଷ୍ଟିକ, ବର୍ଜନ ଲାଗି ଯେଉଁ ସଚେତନତା ଖବରକାଗଜ ମାଧମରେ କରିବାରେ ଲାଗିଛନ୍ତି, ତହାକୁ ନେଇ ଆମ୍ଭ ଏଭଳି କାର୍ଯ୍ୟକ୍ରମ କରିଛୁ। ଏଥିରେ ପ୍ରଧାନ ଶିକ୍ଷକ ଶିବପ୍ରସାଦ ମିଶ୍ର, ଶିକ୍ଷୟିତ୍ରୀ ସୋନାଲି ପ୍ରଧାନ, ଝରଣା ବେହେରା, ପ୍ରିୟଙ୍କା ମଲିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



## ସଂକ୍ଷେପରେ

### ବିଭିନ୍ନ ଅଞ୍ଚଳରେ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ



**ବ୍ରହ୍ମପୁର ଅଫିସ,୨।୧୦:** ସ୍ଥାନୀୟ ଏମ୍‌କେସିଜି ମେଡିକାଲ କଲେଜରେ ବ୍ରହ୍ମପୁର ହସ କ୍ଲବ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ସଭାପତି ବିଘ୍ନେଶ୍ୱର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ସଦସ୍ୟ ଲଳିତ ମୋହନ ରାଜଗୁରୁ, ସମ୍ପାଦକ ହରିକୃଷ୍ଣ ମିଶ୍ର, ଉପସଭାପତି ଧ୍ରୁବ ଚରଣ ସେଠୀ, ନରେନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ସ୍ମରଣ କରିବା ସହିତ ସ୍ମୃତି ଉଦ୍ଦେଶ୍ୟରେ କବିତା ପାଠ କରିଥିଲେ। ପରେ ମେଡିକାଲ କ୍ୟାମ୍ପସରେ ବରିଷ୍ଠ ନାଗରିକମାନେ ସଫେଇ କରିଥିଲେ। ଏହି ସ୍ୱଚ୍ଛ ଭାରତ ଅଭିଯାନରେ ଯୁଗ୍ମ ସମ୍ପାଦକ କେ.ସି. ବ୍ରହ୍ମା, କୋଷାଧ୍ୟକ୍ଷ ସୁଧୀର ରଥ, ଅଡିଟର ଶ୍ରୀନିବାସ ପାତ୍ର, ବିଜୟ କୁମାର ସୁବୁଦ୍ଧି, ପଙ୍କଜ କୁମାର ପଟ୍ଟନାୟକ, ରଘୁନାଥ ସାବତ ଓ ଗୋପୀନାଥ ପାତ୍ର ପ୍ରମୁଖଙ୍କ ସମେତ ହସ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

ସେହିପରି ଗଞ୍ଜାମ ଜିଲା କଂଗ୍ରେସ କାର୍ଯ୍ୟାଳୟ ସ୍ଥାନୀୟ ବାପୁଜୀ ଆଶ୍ରମରେ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ସଭାପତି ଡ଼ା. ତ୍ରିନାଥ ବେହେରା ଆୟୋଜିତ ସଭାରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା, ନଗର କଂଗ୍ରେସ ସଭାପତି ପ୍ରମୋଦ ଜେନା, ମହିଳା କଂଗ୍ରେସ ସଭାନେତ୍ରୀ ସ୍ୱରୂପା ତ୍ରିପାଠୀ, ପିସିସି କାର୍ଯ୍ୟକାରୀ କମିଟି ସଭ୍ୟ ନୃସିଂହ ରଥଙ୍କ ସମେତ ଶିବରାମ ପାତ୍ର, ବୃନ୍ଦାବନ ଖଟେଇ, ସୁନୀଲ ଚୌଧୁରୀ, ଆର. ରାଜେନ୍ଦ୍ର, ଧର୍ମା ରେଡ୍ଡୀ, ପଦ୍ମଚରଣ ସାହୁ, କିଶୋର କପୁର ଓ ସୁରେଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ନେତା ଓ କର୍ମୀମାନେ ଗାନ୍ଧୀନଗର ଛକସ୍ଥ ଜାତିର ଜନକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

ସେହିପରି ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ଜାତିର ପିତା ମହାତ୍ମା ଗାନ୍ଧୀ ଓ ଶାନ୍ତି ଦୂତ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ବ୍ରହ୍ମପୁର ଗାନ୍ଧୀନଗର ଛକରେ ସ୍ଥାପିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥଳରେ କର୍ମୀମାନେ ଉଭୟଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ ଓ ଶ୍ରଦ୍ଧାସୁମନ ଜଣାଇଥିଲେ। ଜିଲା ଭାଜପା ସଭାପତି କାହ୍ନୁ ଚରଣ ପତି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଉପସଭାପତି ପ୍ରଭାତ ଷଡ଼ଙ୍ଗୀଙ୍କ ସମେତ ଶିଶିର ପାଢ଼ୀ, ନମିତା ରାଣୀ ପଣ୍ଡା, ଧରଣୀ ବେହେରା, ସିଦ୍ଧାନ୍ତ ଗଙ୍ଗଦେବ, ପ୍ରଦୀପ ଶତପଥୀ, ଶ୍ରୀକାନ୍ତ ପାଢ଼ୀ, ରଞ୍ଜିତ ସାହୁ, ମଧୁସୂଦନ ସାହୁ, ପ୍ରଜ୍ଞା ପରମିତା ପାଢ଼ୀ, ମଦନ ମୋହନ ପାତ୍ର, ରବୀନ୍ଦ୍ର ସାହୁ ଓ କାମନା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ବ୍ରହ୍ମପୁର ମହାନଗର ନିଗମ ୫ ନଂ. ୱାର୍ଡ ତୁଳସୀନଗର ଅଞ୍ଚଳରେ ବିଜୁ ଯୁବ ବାହିନୀ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଅବସରରେ ନିଶାନିବାରଣ ନେଇ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ପୂର୍ବତନ କର୍ପୋରେଟର ଆର. ମୁରଲୀ ମୋହନ ଅତିଥି ଭାବେ ଯୋଗଦେଇ ଶୋଭଯାତ୍ରାର ଶୁଭାରମ୍ଭ କରିଥିଲେ। ଏଥିରେ ଉକ୍ତ ୱାର୍ଡର ବିଜୁ ଯୁବ ବାହିନୀ କର୍ମକର୍ତ୍ତାଙ୍କ ସମେତ ସ୍ଥାନୀୟ ଶିଶୁ ମନ୍ଦିରର ଛାତ୍ରୀଛାତ୍ର ଓ ଅଞ୍ଚଳବାସୀ ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରା ତୁଳସୀନଗର ଦ୍ୱିତୀୟ ଗଳିରୁ ବାହାରି ସହରର ବିଭିନ୍ନ ଗଳି ପରିକ୍ରମା କରିଥିଲା। ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ଅଞ୍ଚଳବାସୀଙ୍କୁ ସଚେତନ କରାଇଥିଲେ।



# ସରକାରୀ ଅବହେଳାର ଶିକାର ବ୍ରହ୍ମପୁର ରେଳ ଷ୍ଟେଶନ

ବ୍ରହ୍ମପୁର ଅଫିସ୍,୨।୧୦

ଦକ୍ଷିଣ ଓଡ଼ିଶାର ପ୍ରମୁଖ ସହର ବ୍ରହ୍ମପୁରକୁ ରେଳ ବିଭାଗ କ୍ରମାଗତ ଅବହେଳା କରୁଛି ବୋଲି ମଙ୍ଗଳବାର ସ୍ଥାନୀୟ ସନ୍ତୋଷୀ ମା' ମନ୍ଦିରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାରତୀୟ ବିକାଶ ପରିଷଦ ତରଫରୁ ଅଭିଯୋଗ କରାଯାଇଛି। ପରିଷଦ ପକ୍ଷରୁ କୁହାଯାଇଛି, ରାଜଧାନୀ ଏକ୍ସପ୍ରେସ୍, ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସ୍, ଲୋକମାନ୍ୟ ତିଳକ ଏକ୍ସପ୍ରେସ୍‌କୁ ବ୍ରହ୍ମପୁର ପର୍ଯ୍ୟନ୍ତ ଭୁବନେଶ୍ୱର ଓ ବିଶାଖାପାଟଣାରୁ ସମ୍ପ୍ରସାରିତ କରିବା ପାଇଁ ବହୁ ବର୍ଷ ହେଲା ଦାବି ହେଉଛି। ହେଲେ ବ୍ରହ୍ମପୁର ଷ୍ଟେଶନ୍‌ରେ ଟ୍ରେନ୍ ଧୋଇବା ପାଇଁ ପାଣି ନ ଥିବା ଯୋଗୁ ଟ୍ରେନ୍‌ଗୁଡ଼ିକ ସମ୍ପ୍ରସାରିତ ହୋଇପାରୁନି ବୋଲି ବିଭାଗ ତରଫରୁ କୁହାଯାଉଛି।



ଖବରଦାତା ସମ୍ମିଳନୀରେ ପରିଷଦ କର୍ମକର୍ତ୍ତାମାନେ।

ହେଲେ ଭୁବନେଶ୍ୱରରେ ଷ୍ଟେଶନ୍ ମଧ୍ୟ ପାଣି ସୁବିଧା ନ ଥିବା ବେଳେ ମଞ୍ଚେଶ୍ୱର ଷ୍ଟେଶନ୍‌ରେ ଟ୍ରେନ୍ ଧୁଆଯାଉଛି। ସେହିଭଳି ଭାବେ ବ୍ରହ୍ମପୁର ନିକଟସ୍ଥ ଜଗନ୍ନାଥପୁର, ସୋରଳ ରୋଡ କିମ୍ବା ଗୋଲନ୍ଥରାରେ ବିଭାଗ ଚାହିଁଲେ ପାଣି ସୁବିଧା କରିପାରିବ। ଦୀର୍ଘ ଦିନ ହେଲା ହାୱଡ଼ା-ପଣ୍ଡିଚେରୀ ସାପ୍ତାହିକ ଟ୍ରେନ୍ ବ୍ରହ୍ମପୁରରେ ରହଣି ବ୍ୟବସ୍ଥା ନାହିଁ। ତୁରନ୍ତ ଏହି ଟ୍ରେନ୍ ରହଣି ବ୍ୟବସ୍ଥା କରାଯାଉ। ଷ୍ଟେଶନ୍ ବାହାରେ ଏକ ବିଶ୍ରାମାଗାର, ଶୌଚାଳୟ ଏବଂ ରାତ୍ରି ରହଣିସ୍ଥଳ ନିର୍ମାଣ କରାଯାଉ। ଗଞ୍ଜାମର ବହୁ ଶ୍ରମିକ ସୁରଟରେ କାର୍ଯ୍ୟ କରୁଥିବା ବେଳେ ବ୍ରହ୍ମପୁରରୁ ଅହମଦାବାଦ୍ ନୂତନ ରେଳ ଚାଲୁ କରାଯାଉ। ବ୍ରହ୍ମପୁରରୁ ପୁରୀକୁ ସିଧା ଟ୍ରେନ୍ ଚାଲୁ। ସେହିଭଳି ବ୍ରହ୍ମପୁରକୁ ରେଳ ଡିଭିଜନ୍ ଘୋଷଣା, ଗୋପାଳପୁରରୁ ବଲାଙ୍ଗୀରକୁ ନୂତନ ରେଳ ପଥ ନିର୍ମାଣ, ବ୍ରହ୍ମପୁରରୁ ଦିଗପହଣ୍ଡି, ମୋହନା ଦେଇ ରାୟଗଡ଼ାକୁ ନୂତନ ରେଳ ପଥ ଆଦି ଦାବି କରାଯାଇଛି। ଏନେଇ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଠାଯାଇଛି। ଖବରଦାତା ସମ୍ମିଳନୀରେ ପରିଷଦ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ, ଆଇନଜୀବୀ ଡ. ଶିବ ପ୍ରସାଦ ମିଶ୍ର, ଶରତ ଚନ୍ଦ୍ର ବେହେରା, ତ୍ରିନାଥ ମହାରଣା, ମାନସ ରଞ୍ଜନ ପାତ୍ର, ସୁକାନ୍ତ ପଣ୍ଡା ଓ ସୂର୍ଯ୍ୟନାରାୟଣ ବେହେରାଙ୍କ ସମେତ ବହୁ ସାମାଜିକ କର୍ମୀ ଉପସ୍ଥିତ ଥିଲେ।

## ବେଦବ୍ୟାସ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ

ବ୍ରହ୍ମପୁର ଅଫିସ,୨।୧୦

ଗାନ୍ଧୀଜୟନ୍ତୀ ଅବସରରେ ବ୍ରହ୍ମପୁର ଶରଧା ବାଲିସ୍ଥିତ ବେଦବ୍ୟାସ ଆବାସିକ ମହାବିଦ୍ୟାଳୟ ପକ୍ଷରୁ ସ୍ୱଚ୍ଛଭାରତ ଅଭିଯାନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମଳୟ ବିଷୋୟୀ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଚ୍ଚିଦାନନ୍ଦ ନାୟକ, ଅର୍ଜ୍ଜୁନ ନାୟକ, ଏମ୍.କେଶବ ରାଓ, ଜ୍ଞାନ ରଞ୍ଜନ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ସମ୍ପାଦକ ମନୋଜ କୁମାର ବିଶୋୟୀ, ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଉଦ୍‌ଘାଟକ ବିଷୋୟୀ ଛାତ୍ରୀଛାତ୍ରଙ୍କ ସ୍ୱଚ୍ଛତା ଉପରେ ଉଦ୍‌ବୋଧନ ଦେବା ସହ ପଲିଥିନ ଓ ପ୍ଲାଷ୍ଟିକ ବର୍ଜନ କରିବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ କୁମାର ବିଷୋୟୀ ଉପସ୍ଥିତ ରହି ପଲିଥିନ ଓ ପ୍ଲାଷ୍ଟିକ ବର୍ଜନ କରିବା ପାଇଁ ଶପଥ ପାଠ କରାଇଥିଲେ। ଶରଧାବାଲି ଓ ଶ୍ରୀଦେବୀ ବିହାରର ସମସ୍ତ ଗଳି, ରାସ୍ତା ସଫେଇ କରାଯାଇଥିଲା। ଯୁକ୍ତ ୨ ଓ ଯୁକ୍ତ ୩ର ସମସ୍ତ ଛାତ୍ରୀଛାତ୍ରଙ୍କ ସମେତ ଅଞ୍ଚଳବାସୀ ଏହି ଅଭିଯାନରେ ସାମିଲ ହୋଇଥିଲେ।


ସଚେତନତା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର।

## ଭାଜପା ପକ୍ଷରୁ ଜନଜାଗରଣ କାର୍ଯ୍ୟକ୍ରମ

ପୁରୁଷୋତ୍ତମପୁର, ୨।୧୦(ଡି.ଏନ୍.ଏ.)

ପୁରୁଷୋତ୍ତମପୁର ବ୍ଲକର ବିଭିନ୍ନ ପଞ୍ଚାୟତର ଗ୍ରାମଗୁଡ଼ିକ ଓ ପୁରୁଷୋତ୍ତମପୁର ଏନ୍‌ଏସିର ବିଭିନ୍ନ ସ୍ଥାନରେ ଭାଜପା ପକ୍ଷରୁ ଜନଜାଗରଣ ଯାତ୍ରାରେ ପଥପ୍ରାନ୍ତ ସଭାମାନ କରିଛନ୍ତି। ଏଥିରେ ଲିଟୁନ୍ କୁମାର ଦାଶ ସଂଯୋଜନା କରିଥିବାବେଳେ ବରିଷ୍ଠ ନେତା ସ୍ୱରାଜ୍ୟ ପାଣିଗ୍ରାହୀ, ବାହ୍ୟ କାର୍ଯ୍ୟକାରିଣି ସଭ୍ୟ ମିନା କୁମାରୀ ଟହଲ, ଘୁମସର ଜିଲା ଉପସଭାନେତ୍ରୀ ବିଜୟ ଲକ୍ଷ୍ମୀ ବାଲା, ଉପସଭାପତି ଅନିଲ କୁମାର ପଣ୍ଡା, ବରିଷ୍ଠ ନେତା ଶତୃଘ୍ନ ନାୟକ, ଶିବ ପାଢ଼ୀ, ଭାରତି ବେହେରା ପ୍ରମୁଖ ଯୋଗ ଦେଇ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ସେବା ଯୋଜନା ସହ ବିଭିନ୍ନ ଜନହିତକର ଯୋଜନାଗୁଡ଼ିକ ସମ୍ପର୍କରେ ଜନସାଧାରଣଙ୍କୁ ବୁଝାଇବା ସହ ରାଜ୍ୟ ସରକାରଙ୍କ ଉପରେ ବର୍ଷି ଥିଲେ। ଗାଁଠାରୁ ସହର ଯାଏ ଏହି ଜନଜାଗରଣ ଯାତ୍ରା କରାଯାଇ ଲୋକଙ୍କୁ ସଚେତନ କରାଯିବ ବୋଲି ଜିଲା କାର୍ଯ୍ୟକାରିଣୀ ସଭ୍ୟ ସ୍ୱରାଜ୍ୟ ପାଣିଗ୍ରାହୀ କରିଛନ୍ତି।

## ଖବରଦାତାଙ୍କ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ବୁଗୁଡ଼ା,୨।୧୦(ଡି.ଏନ.ଏ.):** ପୁରୀ ଓ ବାଲିଆପାଳରେ ଖବରଦାତାଙ୍କୁ ଆକ୍ରମଣ ପ୍ରତିବାଦରେ ଆକ୍ରମଣକାରୀଙ୍କୁ ଗିରଫ କରିବା ଏବଂ ଖବରଦାତାଙ୍କ ସୁରକ୍ଷା ପ୍ରଦାନ ଦାବିରେ ମଙ୍ଗଳବାର ଉକ୍ତ ସାମ୍ବାଦିକ ସଂଘ ସଭ୍ୟ ତଥା ବୁଗୁଡ଼ା ମିଡିଆ କ୍ଲବର ଖବରଦାତାମାନେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଭଞ୍ଜନଗର ଉପଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବୁଗୁଡ଼ା ମିଡିଆ କ୍ଲବର ସଭାପତି ଅନିଲ ପଟ୍ଟନାୟକ, ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ, କାର୍ଯ୍ୟାଳୟ ସମ୍ପାଦକ ଅଭୟ ପ୍ରସାଦ ପାଣିଗ୍ରାହୀ, ଆଶିଷ କୁମାର ମିଶ୍ର, ମନୋରଞ୍ଜନ ବେହେରା, କାଳି ଚରଣ ପ୍ରଧାନ ପ୍ରମୁଖ ସଭ୍ୟ ଉପସ୍ଥିତ ଥିଲେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ଣ୍ଣର





@ ପ୍ରଭାତ


@ ରିତେଶ


@ ଅସିତ୍

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ
bmpselfie@gmail.com
(ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

### ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ

# ଛାତ୍ର ସଂସଦ ନିର୍ବାଚନ ହାଲଚାଲ

**କଲେଜରେ ଥିବା ସମସ୍ୟା**

- ଦୀର୍ଘ ଦିନରୁ ୱାଇଫାଇ ବନ୍ଦ ରହିଛି
- ଇ-ଲାଇବ୍ରେରି କାର୍ଯ୍ୟକ୍ଷମ ହେଉନାହିଁ
- ପୂରଣ ହେଉନି ପ୍ରଫେସର ଓ ନିୟମିତ ଅଧ୍ୟାପକ ପଦବୀ
- ଲାଇବ୍ରେରିରେ ଆବଶ୍ୟକ ପରିମାଣ ବହି ଉପଲବ୍ଧ ହୋଇପାରୁନି

ଦୀପକ କୁମାର ପଣ୍ଡା
ବ୍ରହ୍ମପୁର ଅଫିସ,୨।୧୦

ବାଜିଲା ଛାତ୍ର ସଂସଦ ନିର୍ବାଚନୀ ବିଗୁଲ। ଆସନ୍ତା ୧୧ରେ ନିର୍ବାଚନ ହେବା ନେଇ ସୋମବାର କଲେଜ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ପ୍ରକାଶ ପରେ କଲେଜ କ୍ୟାମ୍ପସ ଏବେ ଚଳଚଞ୍ଚଳ ହୋଇଉଠିଛି। ପ୍ରାର୍ଥୀମାନେ ମଇଦାନକୁ ଓହ୍ଲାଇ ସାରିଲେଣି। ବିଭିନ୍ନ ଛାତ୍ର ସଂଗଠନ ନିଜ ପକ୍ଷରୁ ପ୍ରାର୍ଥୀଙ୍କୁ ବାଛି ସାରିଲେଣି। ବୁଧବାର ପ୍ରାର୍ଥିପତ୍ର ଦାଖଲ ପୂର୍ବରୁ ହିଁ ପ୍ରାର୍ଥୀମାନେ ନିଜ ସପକ୍ଷରେ କ୍ୟାମ୍ପସରେ ପ୍ରଚାର ଆରମ୍ଭ କରିସାରିଲେଣି। କିଏ ନିଜ ସପକ୍ଷରେ ଛାତ୍ରୀଛାତ୍ରଙ୍କୁ ଆକର୍ଷିତ କରିବାକୁ ଗୁପ୍ତଭାବେ ଆଲୋଚନା କରୁଛି ତ କିଏ କ୍ଲାସକୁ କ୍ଲାସ ବୁଲି ଛାତ୍ରୀଛାତ୍ରଙ୍କ ସୁବିଧା ଅସୁବିଧା ପଚାରି ବୁଝୁଛି। ବ୍ରହ୍ମପୁର ସହର ତଥା ଆଖପାଖରେ ଥିବା ମହାବିଦ୍ୟାଳୟ ମଧ୍ୟରୁ ନିର୍ବାଚନକୁ ନେଇ ଅଧିକ ଉତ୍ସାହ ଦେଖିବାକୁ ମିଳିଛି ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟରେ। ବିଗତ ବର୍ଷ ଏଠାରେ ପରୋକ୍ଷ ନିର୍ବାଚନ ହୋଇଥିବାରୁ ସମସ୍ତ ଛାତ୍ରୀଛାତ୍ରଙ୍କୁ ନିଜସ୍ୱ ମତରେ ସଭାପତି ତଥା ଛାତ୍ରନେତା ବାଛିବାର ସୁଯୋଗ ମିଳିପାରି ନ ଥିଲା। କିନ୍ତୁ ଚଳିତ ବର୍ଷ ପୁଣି ଏହି ମହାବିଦ୍ୟାଳୟରେ ପ୍ରତ୍ୟକ୍ଷ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାରୁ ଛାତ୍ରୀଛାତ୍ର ତଥା ଦଳୀୟ ପ୍ରାର୍ଥୀଙ୍କ ମଧ୍ୟରେ ଅଧିକ ଉତ୍ସାହ ଦେଖିବାକୁ ମିଳୁଛି। ଛାତ୍ରନେତା ତଥା ବିଭିନ୍ନ ଦଳ ପକ୍ଷରୁ ପ୍ରାର୍ଥୀ ଚୟନ ସରିଛି। ନିଜ ନେତାଙ୍କୁ ଚୟନ କରିବା ଛାତ୍ରୀଛାତ୍ରମାନେ ମଧ୍ୟ ପ୍ରସ୍ତୁତ ହୋଇସାରିଲେଣି। ତେବେ ଖଲ୍ଲିକୋଟ କଲେଜରେ ପୁଣି ହେବାକୁ ଥିବା ପ୍ରତ୍ୟକ୍ଷ ନିର୍ବାଚନକୁ ନେଇ ଛାତ୍ରୀଛାତ୍ର, ଆଶାୟୀ ଓ କଲେଜ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟାକୁ ନେଇ ଉପସ୍ଥାପନା-



ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ୟାମ୍ପସ ଚଳଚଞ୍ଚଳ।

**ଏମାନେ କୁହନ୍ତି....**



" ଛାତ୍ର ସଂସଦ ନିର୍ବାଚନରେ ଭୋଟ ଦେବା ପ୍ରତ୍ୟକ ଛାତ୍ରୀଛାତ୍ରଙ୍କ ଅଧିକାର। ଯାହା ପ୍ରତ୍ୟକ୍ଷ ନିର୍ବାଚନରେ ସମ୍ଭବ ହୋଇଥାଏ। ଚଳିତ ବର୍ଷ ପ୍ରତ୍ୟକ୍ଷ ନିର୍ବାଚନ ଫଳରେ ପୂର୍ବବର୍ଷଠାରୁ ମଧ୍ୟ ଭଲ ସଭାପତି ମିଳିବେ ବୋଲି ଆଶା କରୁଛି। ଯିଏ କଲେଜ ଓ ଛାତ୍ରୀଙ୍କ ସମସ୍ୟା ବୁଝି ତା'ର ସମାଧାନ କରିବା ଉପରେ ଗୁରୁତ୍ୱ ଦେବେ।

**- ଦେବମିତ୍ରା ପ୍ରିୟଦର୍ଶିନୀ, ସ୍ନାତକୋତ୍ତର ଇଂଲିଶ ୨ୟ ବର୍ଷ ଛାତ୍ରୀ**



" ଯଦି ନିର୍ବାଚନରେ ବିଜୟୀ ହୁଏ। ତେବେ କଲେଜର କ୍ୟାମ୍ପସର ସ୍ୱଚ୍ଛତା ଓ ଅଭାବ ପୂରଣ ଉପରେ ଅଧିକ ଗୁରୁତ୍ୱ ଦେବି। କ୍ୟାମ୍ପସରେ ୱାଇଫାଇ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ସହ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଛାତ୍ରୀଛାତ୍ରଙ୍କ ବସିବା ଭଳି ଅଡିଟୋରିୟମ, ଲାଇବ୍ରେରିରେ ଆବଶ୍ୟକ ପରିମାଣର ବହି କିପରି ବିଦ୍ୟାର୍ଥୀଙ୍କୁ ମିଳିପାରିବ ସେ ଉପରେ ଗୁରୁତ୍ୱ ଦେବି। ଏହା ସହ ସବୁ ସମୟରେ ଛାତ୍ରୀଛାତ୍ରଙ୍କ ସହ ରହି ତାଙ୍କ ସମସ୍ୟାର ସମାଧାନ କରିବା ଦିଗରେ ପଦକ୍ଷେପ ନେବି। ଛାତ୍ର ସଂସଦକୁ ଏକତ୍ର ରଖିବା ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକତା ବଜାୟ ରକ୍ଷା କରିବା ମୋର ମୁଖ୍ୟ ଲକ୍ଷ୍ୟ ରହିବ।

**- ସୂର୍ଯ୍ୟନାରାୟଣ ସାହୁ, ଆଶାୟୀ ପ୍ରାର୍ଥୀ**



" ବିଗତ ବର୍ଷ ପରୋକ୍ଷ ତଥା କ୍ଲାସ ରିପ୍ରେଜେଣ୍ଟେଟିଭ(ସିଆର) ନିର୍ବାଚନ ହୋଇଥିଲା। କିନ୍ତୁ କ୍ୟାମ୍ପସ ସମସ୍ୟାରେ ଏତେଟା ସୁଧାର ଆସିପାରି ନ ଥିଲା। ମହାବିଦ୍ୟାଳୟରେ ଥିବା ଇ-ଲାଇବ୍ରେରି କାର୍ଯ୍ୟକ୍ଷମ ହେଉ ନ ଥିବା ବେଳେ ଖଲ୍ଲିକୋଟ କଲେଜ ଓ କ୍ଲଷ୍ଟର ବିଶ୍ୱବିଦ୍ୟାଳୟକୁ ନେଇ ଦ୍ୱନ୍ଦ୍ୱ ଏବେ ବି ରହିଛି। ରେଜଲ୍ଟ ସମସ୍ୟା ଆହୁରି ଜଟିଳ ହୋଇଛି। ଚଳିତ ବର୍ଷ ପ୍ରତ୍ୟକ୍ଷ ନିର୍ବାଚନ ହେଲେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଠିକ ସଭାପତି ବଛାହେବେ। କଲେଜରେ ଦୀର୍ଘ ଦିନରୁ ଥିବା ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦେବେ ବୋଲି ଆଶା କରୁଛି।

**- ସଚ୍ଚିନ ପଣ୍ଡା, ଛାତ୍ରନେତା**



" ମହାବିଦ୍ୟାଳୟ ମଧ୍ୟରେ ଥିବା ଧରାକୋଟ ବିଲଡିଂ ୨ବର୍ଷ ହେଲାଣି ଟଙ୍କା ଆସିଥିଲେ ମଧ୍ୟ କାର୍ଯ୍ୟ ଆରମ୍ଭ ହୋଇପାରୁନି। ନିର୍ବାଚନରେ ଯଦି ବିଜୟ ଲାଭ କଲେ ଏହି ବିଲ୍‌ଡିଂ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ମୁଖ୍ୟ ଲକ୍ଷ୍ୟ ହେବ। କଲେଜ ପଛପାର୍ଶ୍ୱ ସମେତ ସ୍ୱଚ୍ଛ କ୍ୟାମ୍ପସ ରଖିବା ସହ ଅଧ୍ୟାପକଙ୍କ ଅଭାବ ପୂରଣ ଉପରେ ଅଧିକ ଗୁରୁତ୍ୱ ଦେବି।

**- ରୋଶନ କୁମାର ସାହୁ, ଆଶାୟୀ ପ୍ରାର୍ଥୀ**



" ଗତ ବର୍ଷ ପରୋକ୍ଷ ନିର୍ବାଚନ ପାଇଁ ବହୁ ରିସ୍କ ନେବାକୁ ପଡ଼ିଥିଲା। କିନ୍ତୁ ଚଳିତ ବର୍ଷ ସରକାରୀ ନିୟମ ଅନୁସାରେ ପ୍ରତ୍ୟକ୍ଷ ନିର୍ବାଚନ ହେବାକୁ ଘୋଷଣା କରାଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ମଧ୍ୟ ପୂର୍ବବର୍ଷ ଅପେକ୍ଷା ଉତ୍ସାହ ଦେଖାଦେଇଛି। ଶାନ୍ତିଶୃଙ୍ଖଳାର ନିର୍ବାଚନ ଶେଷ କରିବା ପାଇଁ ଆବଶ୍ୟକତା ଅନୁଯାୟୀ ସମସ୍ତ ପଦକ୍ଷେପ କଲେଜ ପକ୍ଷରୁ ନିଆଯାଉଛି।

**- ପ୍ରଶାନ୍ତ କୁମାର ଶତପଥୀ, ଅଧ୍ୟକ୍ଷ**

## ଷ୍ଟେଟ୍‌ବ୍ୟାଙ୍କ କର୍ମଚାରୀଙ୍କ ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

**ପୋଲସରା,୨।୧୦(ଡି.ଏନ.ଏ.):** ପୋଲସରାସ୍ଥିତ ଷ୍ଟେଟ୍‌ବ୍ୟାଙ୍କ କର୍ମଚାରୀଙ୍କ ପକ୍ଷରୁ ଶାଖା ପରିଚାଳିକା ଶିବାନୀ ନାୟକଙ୍କ ନେତୃତ୍ୱରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ପରିବେଶକୁ ସ୍ୱଚ୍ଛତା ରଖିବା ଲାଗି ଉଦ୍ୟମ କରାଯିବା ଜରୁରୀ, ପରିବେଶ ସ୍ୱଚ୍ଛ ରହିଲେ ଆମେ ସୁସ୍ଥ ରହିବା ବୋଲି ଶିବାନୀ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କ ଫିଲ୍ଡ ଅଫିସର ସୁମିତ ଘୋଷ, ବେଦପ୍ରକାଶ ସାହାଣି, ସୁମିତ ମହାନ୍ତି, ସୁମିତ କୁମାର ନାୟକ, ଦେବସ୍ମିତା ବେହେରା, ଦୁର୍ଗା ପ୍ରସାଦ ବେହେରାଙ୍କ ସମେତ କିଓସ୍କୋ ମିନିବ୍ୟାଙ୍କର କର୍ମଚାରୀମାନେ ସାମିଲ ଥିଲେ।



## ସଂକ୍ଷେପରେ

### ମାଉସୀଙ୍କୁ ଧମକ ଅଭିଯୋଗରେ ପୁତୁରା ଗିରଫ

**ଗୋପାଳପୁର,୨।୧୦:** ଘରେ ପଶି ମାଉସୀଙ୍କୁ ଧମକ ଚମକ ଓ ଟଣାଓଟରା କରିବା ଅଭିଯୋଗରେ ଗୋଳନ୍ଥରା ପୋଲିସ ମଙ୍ଗଳବାର ପୁତୁରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗିରିସୋଲା ଗ୍ରାମର ଆନନ୍ଦ ସେଠୀ। ଗତ ୩୦ ତାରିଖରେ ମାଉସୀ ଘରେ ଥିବା ସମୟରେ କୌଣସି କାରଣରୁ ଆନନ୍ଦ ଘରେ ପଶି ତାଙ୍କୁ ଗାଳିଗୁଲଜ କରିବା ସହ ଟଣାଓଟରା କରିଥିଲେ। ଏନେଇ ମାଉସୀ ଗୋଳନ୍ଥରା ଥାନାରେ ଅଭିଯୋଗ କରିବାରୁ ନଂ. ୧୭୭/୧୮ରେ ଏକ ମାମଲା ରୁଜୁ କରି ପୋଲିସ ମଙ୍ଗଳବାର ଆନନ୍ଦଙ୍କୁ ଗିରଫ କରିଛି।

### ପାନୀୟ ଜଳ ଯୋଗାଣରେ ଅନିୟମିତତା ଅଭିଯୋଗ
### ବଡ଼ମାଧପୁରବାସୀଙ୍କ ଧାରଣା

ଛତ୍ରପୁର,୨।୧୦(ଡି.ଏନ.ଏ)-ଛତ୍ରପୁର ବ୍ଲକ ବଡମାଧପୁର ଗାଁରେ ପାନୀୟ ଜଳ ଯୋଗାଣରେ ଅନିୟମିତା ଅଭିଯୋଗ କରି ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ଗ୍ରାମବାସୀ ଧାରଣା ଦେଇଥିଲେ। ଜିଲାପରିଷଦ ସଭ୍ୟ ଏସ୍ କିଶୋର ରେଡ୍ଡି ଏହାର ନେତୃତ୍ୱ ନେଇଥିଲେ । ବଡମାଧପୁର ଗାଁରେ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ଦ୍ୱାରା ଜଳ ଯୋଗାଣ ହେଉଛି । ୨୦୧୭ରେ ପଞ୍ଚାୟତ ପକ୍ଷରୁ ଗାଁରେ ପାନୀୟ ଜଳ ଯୋଗାଣ ଓ ପରିଚାଳନା ପାଇଁ ଏକ କମିଟିକୁ ଦାୟିତ୍ୱ ଦେଇଛି । ଉକ୍ତ କମିଟି ଘରକୁ ଜଳ ଯୋଗାଣ ପାଇଁ ପ୍ରତି ହିତାଧିକାରୀଙ୍କ ଠାରୁ ୮୦୦ ଟଙ୍କା ଲେଖାଏଁ ଅମାନତ ଜମା ସଂଗ୍ରହ କରିବା ସହ ମାସିକ ୫୦ ଟଙ୍କା କର ଆଦାୟ କରୁଛି। ତେବେ ପ୍ରତି ସାହିକୁ ଜଳ ଯୋଗାଣ କରାଯାଉ ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ଏ ସମ୍ପର୍କରେ ଜିଲାପାଳ, ସରପଞ୍ଚ ଓ ବିଡିଓଙ୍କୁ ଅବଜତ କରାଯାଇଥିଲେ ମଧ ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହୋଇଛି । ଏହା ପ୍ରତିବାଦରେ ଲୋକେ ଧାରଣା ଦେଇଥିଲେ । ଛତ୍ରପୁର ଏବିଡିଓ କାଳୀ ପ୍ରସାଦ ପତି ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ କେ. ସନ୍ୟାସୀ ରାଜୁ ପ୍ରମୁଖ ସେଠାକୁ ଯାଇ ବୁଝାସୁଝା କରିବା ସହ ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

### ବିଜେଡିର ଜନସମ୍ପର୍କ ପଦଯାତ୍ରା

**ପୋଲସରା,୨।୧୦(ଡି.ଏନ.ଏ.) :** ପୋଲସରାରେ ମଙ୍ଗଳବାର ଗାନ୍ଧୀ ଜୟନ୍ତୀଠାରୁ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହାକୁ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରାଣିପଡ଼ାସ୍ଥିତ ଶିବ ମନ୍ଦିରଠାରୁ ପଦଯାତ୍ରା ବାହାରି ଲୁଣିଘାଟିସ୍ଥିତ ପଡ଼ିଆରେ ଆୟୋଜିତ ବୈଠକ ସ୍ଥଳରେ ପହଞ୍ଚିଥିଲେ। ଏଥିରେ ନଗରପାଳ ପ୍ରଫୁଲ୍ଲ କୁମାର ପ୍ରଧାନ, ନଗର ବିଜେଡି ସଭାପତି ଭଗବାନ ସାହୁ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ପ୍ରଧାନ, ବ୍ଲକ ବିଜେଡି ସମ୍ପାଦକ ଅଶୋକ ବିଶୋୟୀଙ୍କ ସମେତ ହଜାର ହଜାର ମହିଳା ପୁରୁଷ ଯୋଗ ଦେଇଥିଲେ।

### ଏମ୍‌ଜିଏନ୍‌ଆର୍‌ଇଜିଏସର ସ୍ୱତନ୍ତ୍ର ଗ୍ରାମସଭା ବୈଠକ

**କୁକୁଡ଼ାଖଣ୍ଡି,୨।୧୦(ଡି.ଏନ.ଏ.):** କୁକୁଡ଼ାଖଣ୍ଡି ବ୍ଲକ ସମସ୍ତ ପଞ୍ଚାୟତଗୁଡ଼ିକରେ ମାହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ସ୍ୱତନ୍ତ୍ର ଗ୍ରାମସଭା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଞ୍ଚାୟତଗୁଡ଼ିକର ଜନସାଧାରଣ, ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ, ନାଏବ ସରପଞ୍ଚ, ୱାର୍ଡସଭ୍ୟ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ରହି ବୈଠକ ପରିଚାଳନା କରିଥିଲେ। ବ୍ଲକ ବିଡିଓ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଏହି ଗ୍ରାମସଭା ବୈଠକ ଡକାଯାଇଥିଲା। ପ୍ରତି ପଞ୍ଚାୟତରେ ଏନେଇ କାମ ତ୍ୱରାନ୍ୱିତ କରିବା ଏବଂ ଏହାଦ୍ୱାରା ପଞ୍ଚାୟତର ଉନ୍ନତି ସାଧନ ଆଦି ବିଷୟରେ ଜନସାଧାରଣଙ୍କ ସହ ଆଲୋଚନା କରାଯାଇଥିଲା। ବିଡିଓ ପ୍ରତାପ ଚନ୍ଦ୍ର ପ୍ରଧାନ କୁକୁଡ଼ାଖଣ୍ଡି ପଞ୍ଚାୟତ କାର୍ଯ୍ୟାଳୟରେ ଯୋଗଦେଇ ପଞ୍ଚାୟତ ସ୍ତରରେ ସବୁଜ ପରିବେଶ ସୃଷ୍ଟି ହେବା ସହ ଶ୍ରମିକଙ୍କୁ କାମ ଯୋଗାଇବା ପାଇଁ ପରାମର୍ଶ ଦେଇଥିଲେ।

■ଧରିତ୍ରୀ, ଓଡ଼ିଶାପୋଷ୍ଟର ପ୍ଲାଷ୍ଟିକ୍‌ମୁକ୍ତ ଅଭିଯାନ

# ସାମିଲ ହେଲେ ବେଜ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ର



ଧରିତ୍ରୀ, ଓଡ଼ିଶାପୋଷ୍ଟର ଚାଲିଥିବା ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନରେ ବେଜ ଶିକ୍ଷାକେନ୍ଦ୍ର ଛାତ୍ରୀଛାତ୍ର ସାମିଲ ହୋଇଛନ୍ତି ।

**ଗଞ୍ଜାମ,୨।୧୦(ଡି.ଏନ.ଏ.)**

ଓଡ଼ିଶାରେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ଉପରେ କଟକଣା ଲଗାଇଛନ୍ତି ସରକାର। ଏହା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ କଡ଼ାକଡ଼ି କରାଯାଇଛି। ସେହିପରି ଦୈନିକ ଖବରକାଗଜ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ମଧ ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ଅଭିଯାନ ଚାଲିଛି। ଏହି ଅଭିଯାନରେ ପୂର୍ବରୁ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ସାମିଲ ହୋଇଥିବା ବେଳେ ମଙ୍ଗଳବାର ଗଞ୍ଜାମ ବ୍ଲକ କାଇଁଚପୁର ବେଜ ଶିକ୍ଷାକେନ୍ଦ୍ର ଛାତ୍ରୀଛାତ୍ରମାନେ ସାମିଲ ହୋଇଛନ୍ତି। ଏହି ଅବସରରେ ମୋ ଗାଁ ସ୍ୱଚ୍ଛ ଗାଁ କାର୍ଯ୍ୟକ୍ରମ ବେଜ ଶିକ୍ଷାକେନ୍ଦ୍ର ନିର୍ଦ୍ଦେଶକ ଓ ପରିଚାଳକ ସିଲୁ କୁମାର ବେଜଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୋଇରାଶି ଗ୍ରାମ ପଞ୍ଚାୟତ ପୂର୍ବତନ ସରପଞ୍ଚ ଅନ୍ତର୍ଯାମୀ ବେହେରା ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। କାଇଁଚପୁର ଉପ୍ରା ପ୍ରାଇମେରି ସ୍କୁଲ ପ୍ରଧାନ ଶିକ୍ଷକ ନାରାୟଣ ପାହାନ, ଶିକ୍ଷକ ପ୍ରସନ୍ନଜିତ ଦାସ, ସୁରେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ପ୍ଲାଷ୍ଟିକ ଓ ପଲିଥିନର ବ୍ୟବହା ସମାଜରେ କି ପ୍ରଭାବ ପକାଉଛି ତାହା ଉପରେ ମତବ୍ୟକ୍ତ କରିଥିଲେ। ଗାନ୍ଧୀ ଜୟନ୍ତୀରୁ ଆମେ କେବେ ଏହା ବ୍ୟବହାର କରିବା ନାହିଁ ବୋଲି ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଶପଥ ନେବା ସହ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର ଏହି ପ୍ଲାଷ୍ଟିକମୁକ୍ତ ଓଡ଼ିଶା ଅଭିଯାନକୁ ଅତିଥିମାନେ ସ୍ୱାଗତ କରିଥିଲେ।

# ସ୍କୁଲରୁ ଭୋକରେ ଫେରିଲେ ଛାତ୍ରୀଛାତ୍ର

**ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ,୨।୧୦(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକ କାଟିଙ୍ଗିଆ ପଞ୍ଚାୟତ ତିଆରିଗାଁ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ମଙ୍ଗଳବାର ଛାତ୍ରୀଛାତ୍ରମାନେ ଭୋକରେ ଫେରିଥିଲେ । ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ ଛୁଟି ବୋଲି ମଧାହ୍ନ ଭୋଜନ ପ୍ରସ୍ତୁତ କରାଯାଇ ନ ଥିବାରୁ ଏପରି ହୋଇଛି। ପ୍ରଧାନ ଶିକ୍ଷକଙ୍କ ଏଭଳି ଦାୟିତ୍ୱହୀନ କାର୍ଯ୍ୟକୁ ନେଇ ଉତ୍ତେଜନା ଦେଖାଯାଇଥିଲା । ମଧାହ୍ନଭୋଜନ ପ୍ରସ୍ତୁତ କରୁଥିବା ୨ ମହିଳା ସଂଯୁକ୍ତା ପାତ୍ର ଏବଂ ଗୌରୀ ଗୌଡ଼ଙ୍କୁ ଗାନ୍ଧୀ ଜୟନ୍ତୀରେ ସ୍କୁଲରେ ରୋଷେଇ କରାଯିବା ନାହିଁ, ତେଣୁ ନ ଆସିବାକୁ କୁହାଯାଇଥିଲା । ଏ ନେଇ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉତ୍ତମ ମଲ୍ଲିକ, ଉପସଭାନେତ୍ରୀ ଅର୍ନପୂର୍ଣ୍ଣା ପାତ୍ର ପ୍ରମୁଖ ପ୍ରଧାନ ଶିକ୍ଷକଙ୍କୁ ପଚାରିଥିଲେ ମଧ ସେ କୌଣସି ସନ୍ତୋଷଜନକ ଉତ୍ତର ନ ଦେଇ ଗାନ୍ଧୀ ଜୟନ୍ତୀ ଛୁଟି ବୋଲି କହିଥିଲେ। ତେଣୁ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ଏବଂ ଅଭିଭାବକ ବରୁଣ ପାତ୍ର, କିରାସା ମାଝି, ଇନ୍ଦ୍ର ପାତ୍ର ପ୍ରମୁଖ ଦାବି କରିଛନ୍ତି। ଏ ନେଇ କମିଟି ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିବ ବୋଲି ମଧ କହିଛି । ଗତ ଗଣେଶ ପୂଜା ଏବଂ ଗୁରୁଦିବସରେ ମଧ ଛାତ୍ରୀଛାତ୍ର ଭୋକରେ ଘରକୁ ଫେରିଥିଲେ ବୋଲି କମିଟି ଅଭିଯୋଗ କରିଛି । ଏ ନେଇ ପ୍ରଧାନ ଶିକ୍ଷକ ରୁମାଲଦ ଉଠାଣ ସିଂଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଉପରୋକ୍ତ ଦିନଗୁଡ଼ିକ ଛୁଟି ଯୋଗୁଁ ସ୍କୁଲରେ ମଧାହ୍ନ ଭୋଜନ ପ୍ରସ୍ତୁତ ହୋଇ ନ ଥିଲା। ଅନ୍ୟପକ୍ଷରେ ବିଇଓ ପୁରେନ୍ଦ୍ର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଗଣେଶ ପୂଜା, ଗୁରୁ ଦିବସ ଓ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ ବିଦ୍ୟାଳୟରେ ପାଳନ କରାଯାଇ ପିଲାଙ୍କୁ ମଧାହ୍ନ ଭୋଜନ ଦେବା ପରେ ଛୁଟି କରିବା ପାଇଁ ନିୟମ ରହିଛି । କେଉଁ ପରିସ୍ଥିତିରେ ପ୍ରଧାନ ଶିକ୍ଷକ ମଧାହ୍ନ ଭୋଜନ ଦେଇନାହାନ୍ତି, ତାହା ତଦନ୍ତ କରାଯିବ। ମଧାହ୍ନ ଭୋଜନ ମୂଲ୍ୟକୁ ଛାତ୍ରୀଛାତ୍ରମାନଙ୍କ ବ୍ୟାଙ୍କ ପାସ ବୁକ୍‌ରେ ଜମା କରାଯିବାକୁ ପଦକ୍ଷେପ ନିଆଯିବ ।

# ଆର.ଉଦୟଗିରିରେ ବାଲିଯାତ୍ରା ଆରମ୍ଭ



ମା' ମାଣିକେଶ୍ୱରୀ

**ଆର.ଉଦୟଗିରି,୨।୧୦(ଡି.ଏନ.ଏ.)**

ଆର.ଉଦୟଗିରି ଗ୍ରାମରେ ମାଣିକେଶ୍ୱରୀଙ୍କ ବାଲିଯାତ୍ରା ସୋମବାର ଠାରୁ ଆରମ୍ଭ ହୋଇଯାଇଛି। ଭାଦ୍ରବ ମାସ ପୂର୍ଣ୍ଣମି ତିଥିରେ ଯାତ୍ରା ଆରମ୍ଭ ହେବାର ପରମ୍ପରା ରହିଛି। ଏହି ଯାତ୍ରା ୧୨ ଦିନ ଧରି ଚାଲିବ। ପ୍ରତିଦିନ ମନ୍ଦିରରେ ପୂଜା ହେବା ପରେ ରାତିରେ ଯାତ୍ରା ଅନୁଷ୍ଠିତ ହୁଏ। ଯାତ୍ରା ଦେଖିବା ପାଇଁ ଦୂର ଦୂରାନ୍ତରୁ ଲୋକଙ୍କ ଭିଡ଼ ଜମୁଛି।। ବୟସ୍କଙ୍କ କହିବା ଅନୁଯାୟୀ ନିଷ୍ଠାର ସହ ମା' ମାଣିକେଶ୍ୱରୀଙ୍କ ପୂଜାର୍ଚ୍ଚନା କଲେ ମନସ୍କାମନା ପୂର୍ଣ୍ଣ ହୋଇଥାଏ। ଯାତ୍ରାର ପଞ୍ଚମୀ ଓ ବଡ଼ ଓପାସରେ କଣ୍ଟାବାଲିରେ ମୁଗ ପକାଇ ଭାଜିବା, କରତ ଖଣ୍ଡାରେ ବସିବା ଓ ୩୩ କୋଟି ଦେବାଦେବୀଙ୍କ ଆବିର୍ଭାବ ହେବ । ଯାତ୍ରାର ଶେଷ ଦିନରେ ଏଠାରେ ଜାନୀ କଣ୍ଟା ଦୋଳିରେ ଝୁଲିବା ଓ ନିଆଁରେ ଚାଲିବା ପରମ୍ପରା ରହିଛି। ଏହି ସମୟରେ ବହୁ ଭକ୍ତ ମାନସିକ କରି ଛେଳି, କୁକୁଡ଼ା ବଳି ପକାଇଥାନ୍ତି। ଯାତ୍ରା ଅବସରରେ ଲୋକେ ନୂଆ ଫଳ ଓ କନ୍ଦା ମା'ଙ୍କୁ ଅର୍ପଣ କରିଥାନ୍ତି। ରବିବାର ମାଣିକେଶ୍ୱରୀ ନୂଆ ଖାଇବା ପରେ ସୋମବାର ଗ୍ରାମବାସୀ ନୂଆ ଖାଇ ମା'ଙ୍କ ଯାତ୍ରା ପାଇଁ ଗ୍ରାମର କାଳିଆ ତୋଟା ନଦୀରୁ ବାଲି ଅଣାଯାଇ ଯାତ୍ରା ଆରମ୍ଭ ହୋଇଥିଲା।

## ସବର୍ଣ୍ଣ-ଅସବର୍ଣ୍ଣ ବିବାଦ ଘଟଣା: ତଦନ୍ତ କଲେ ଏସ୍‌ଡିପିଓ

**ଦିଗପହଣ୍ଡି,୨।୧୦(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମରେ ରବିବାର ରାତିରେ ସବର୍ଣ୍ଣ-ଅସବର୍ଣ୍ଣ ଗୋଷ୍ଠୀଙ୍କ ମଧ୍ୟରେ ଆକ୍ରମଣ ପ୍ରତିଆକ୍ରମଣ ମାମଲାକୁ ନେଇ ଉତ୍ତେଜନା ଲାଗି ରହିଛି। ମଙ୍ଗଳବାର ଚିକିଟି ଏସ୍‌ଡିପିଓ ପ୍ରକାଶ ଚନ୍ଦ୍ର ଜେନା, ବ୍ରହ୍ମପୁର ପୋଲିସ ମୁଖ୍ୟାଳୟର ପ୍ରୋବେସନ ଏସ୍‌ଡିପିଓ ଶାନ୍ତା ନୂତନ ସାମଦ, ଦିଗପହଣ୍ଡି ଆଇଆଇସି ଦେବାଶିଷ ମହାନ୍ତି ଗ୍ରାମରେ ପହଞ୍ଚି ଉଭୟ ଗୋଷ୍ଠୀର ମୁଖିଆମାନଙ୍କ ସହ ଆଲୋଚନା କରି ଫେରିଥିବା ଜଣାପଡ଼ିଛି। ରାସ୍ତାରେ ହମ୍ପସ୍ ନିର୍ମାଣକୁ କେନ୍ଦ୍ରକରି ଗ୍ରାମର ଦୁଇ ଗୋଷ୍ଠୀ ମଧରେ ଛକାପଞ୍ଝା ଲାଗି ରହିଥିଲା। ଅସବର୍ଣ୍ଣସାହିର ବହୁ ମହିଳା ପୁରୁଷ ଓଡ଼ିଆ ସାହିର ରବୀନ୍ଦ୍ର ପ୍ରଧାନଙ୍କ ଘରେ ପଶି ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଉଭୟ ଗୋଷ୍ଠୀଙ୍କ ଏତଲାକ୍ରମେ ନଂ. ୧୭୧/୧୮ ଓ ୧୭୨/୧୮ ଅନୁଯାୟୀ ପୃଥକ ପୃଥକ ମାମଲା ରୁଜୁ କରାଯାଇଛି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ପୋଲିସ ପକ୍ଷରୁ କାହାକୁ ଗିରଫ କରାଯାଇନାହିଁ। ପୋଲିସ ପକ୍ଷରୁ ଶାନ୍ତି କମିଟି ଗଠନ କରାଯିବ ବୋଲି ଚିକିଟି ଏସ୍‌ଡିପିଓ କହିଛନ୍ତି। ଅପରପକ୍ଷରେ ସବର୍ଣ୍ଣସାହି ବାସିନ୍ଦା ନବନିର୍ମିତ ରାସ୍ତାରୁ ହମ୍ପସ ହଟାଇବା ନିମନ୍ତେ ଦିଗପହଣ୍ଡି ଭାରପ୍ରାପ୍ତ ବିଡିଓ ପୀତାମ୍ବର ବେହେରାଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗୋପବନ୍ଧୁ ଗ୍ରାମୀଣ ବିକାଶ ଯୋଜନାରେ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନବନିର୍ମିତ ରାସ୍ତାରୁ ବ୍ଲକ ପ୍ରଶାସନର ନିର୍ଦ୍ଦେଶକ୍ରମେ ମଙ୍ଗଳବାର ହମ୍ପସ ହଟାଇ ଦିଆଯାଇଥିବା ଜଣାପଡ଼ିଛି।

## ଖବରଦାତାଙ୍କ ମୌନ ପ୍ରତିବାଦ

**ପାତ୍ରପୁର,୨।୧୦(ଡି.ଏନ୍.ଏ.)**

ରାଜ୍ୟର ବିଭିନ୍ନ ସ୍ଥାନରେ ସାମ୍ବାଦିକମାନଙ୍କୁ ହେଉଥିବା ଆକ୍ରମଣ ପ୍ରତିବାଦରେ ପାତ୍ରପୁର ବ୍ଲକର ସାମ୍ବାଦିକ ମାନେ ଗାନ୍ଧୀ ଜୟନ୍ତି ଅବସରରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ମୌନ ପ୍ରତିବାଦ କରିଛନ୍ତି । କାର୍ଯ୍ୟରତ ସମସ୍ତ ସାମ୍ବାଦିକ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ମୁହଁରେ କଳାପଟି ବାନ୍ଧି ଧାରଣା ଦେବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରିଥିଲେ।

# ବେଗୁନିଆପଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ଗ୍ରାମସଭା



ନିଶାକୁ ନା କାର୍ଯ୍ୟକ୍ରମରେ ମହିଳା ।

**ବେଗୁନିଆପଡ଼ା,୨।୧୦(ଡି.ଏନ.ଏ.)**

ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ବେଗୁନିଆପଡ଼ା ବ୍ଲକର ସମସ୍ତ ଗ୍ରାମପଞ୍ଚାୟତ ପକ୍ଷରୁ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଥିବା ବେଳେ ବିଜୁ ଯୁବ ବାହିନୀ ଓ ମହିଳା ସଂଘ ତରଫରୁ ନିଶାକୁ ନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ପଞ୍ଚାୟତରେ ସରପଞ୍ଚଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଗ୍ରାମସଭା ବୈଠକରେ ନୋଡାଲ ଅଫିସର, ପିଇଓ, ଜିଆର୍‌ଏସ, ଯୋଗାଣ ସହାୟକ, ଅଙ୍ଗନୱାଡ଼ି କର୍ମୀ, ସହାୟିକା, ଆଶାକର୍ମୀ ଓ ମହିଳା ଗୋଷ୍ଠୀଙ୍କ ସମେତ ପଞ୍ଚାୟତବାସୀ ଉପସ୍ଥିତ ରହି ବିଭିନ୍ନ ଯୋଜନା ଯଥା ମୋ ପାଇଖାନା, ପ୍ଲାଷ୍ଟିକ ବର୍ଜନ, ନିଶାକୁ ନା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବିଷୟରେ ଆଲୋଚନା କରିବା ସହ ଗାଇଗୁହାଳ, ବନିକରଣ, କୂପ ଖନନ ଆଦି ନେଇ ଉତ୍ସାହିତ କରାଯାଇଥିଲା। ବିଡିଓ ପ୍ରଦିପ କୁମାର ପଣ୍ଡା, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ, ଏମଜିଏନଆରଇଜିଏସ ଜିଲା ସଂଯୋଜିକା ରିନା ପାଢ଼ି, ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶାର ଜିଲା ସଂଯୋଜକ ଭି. ଅଭିଜିତ କୁମାର ଏହି ବ୍ଲକର ଏସ୍.ଛଚିନା, ସୁମଣ୍ଡଳ ଓ ଖଣ୍ଡିଆନଇ ଗ୍ରାମପଞ୍ଚାୟତ ପରିଦର୍ଶନ କରିବା ସହ ଗ୍ରାମସଭାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ।

ସରିଲା କଣ୍ଟାପିଢା ଯାତ୍ରା

## ତହସିଲରୁ ରାଜଭୋଗ, ଥାନାରୁ ପାଇକ ଭୋଗ ଆସିଲା

**ସୋରଡା,୨।୧୦(ଡି.ଏନ୍.ଏ.)**

ମା' କନ୍ଧୁଣୀ ଦେବୀଙ୍କ କଣ୍ଟାପିଢା ଯାତ୍ରା ମଙ୍ଗଳବାର ସମାପନ ହୋଇଛି। ସକାଳୁ ମା'ଙ୍କ ମାଜଣା ପରେ ସକାଳ ଭୋଗ, ଧୂପଦୀପ ପ୍ରଦାନ ପରେ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭୀଡ ଜମିଥିଲା। ଦିନସାରା ମାନସିକ ଶିଶୁଙ୍କୁ ମୁଣ୍ଡନ କରାଯାଇଥିଲା। ଅପରାହ୍ନରେ ପୂଜକ ଜଙ୍ଗଲରୁ ଆଣିଥିବା ନିଖୁଣ ଟଭାକଣ୍ଟାର ପୀଡାକୁ ଶୁଦ୍ଧପୂତ ଭାବେ ମନ୍ଦିର ବେଢାରେ ଥିବା ବେଲଖୁଣ୍ଟ ଦୋଳିରେ ସ୍ଥାପନା କରିଥିଲେ। ନୀତି ଅନୁଯାୟୀ ତହସିଲଦାର ଅମର କୁମାର ବସନ୍ତରାୟଙ୍କ ତତ୍ତ୍ୱାବଧାନରେ ରାଜଭୋଗ ଶୋଭାଯାତ୍ରା ବାହାରିଥିଲା। ପରେ ଥାନାରୁ ଆସିକା ଏସ୍‌ଡିପିଓ ସୁବାସ ଚନ୍ଦ୍ର ପଣ୍ଡା, ଥାନାଧିକାରୀ ପ୍ରଭାତ ସାହୁଙ୍କ ତତ୍ତ୍ୱାବଧାନରେ ପାଇକ ଭୋଗ ଶୋଭାଯାତ୍ରା ବାହାରି ଖଦାଳସାହିକୁ ଯାଇଥିଲା। ସେଠାରେ ପୋଛଣୀ (ମା' ଆବିର୍ଭାବ ହେଉଥିବା ମହିଳା) ଦେହକୁ ମା'ଙ୍କ ପ୍ରବେଶ ପରେ ନଗର ପରିକ୍ରମା ଆରମ୍ଭ ହୋଇଥିଲା। ଭକ୍ତଙ୍କ ଗହଣରେ ବାଙ୍କବଜାର, ସାରୁଆସାହି, କୃଷ୍ଣଲୀଳାସାହି, ଆଡପମଣ୍ଡପ, ବଡଦାଣ୍ଡ, ରଥପଦା ପରିକ୍ରମା କରି ଜଗନ୍ନାଥ ମନ୍ଦିରକୁ ଯାଇଥିଲେ। ସେଠାରୁ କନ୍ଧୁଣୀଦେବୀ ମନ୍ଦିର ପରିସରକୁ ଆସି କଣ୍ଟାଦୋଳିରେ ବସି ଝୁଲିଝୁଲି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ରାତିରେ ନାଟକ ମଞ୍ଚସ୍ଥ ହୋଇଛି। କନ୍ଧୁଣୀ ଦେବୀ ଯୁବକ ସଂଘ, ମର୍ନିଂ ଟିମ୍, ମନ୍ଦିର କମିଟି ସମେତ ପୋଲିସ ଫୋର୍ସ ପ୍ରମୁଖ ପରିଚାଳନା କରିଥିଲେ। ଆସିକା ଏସ୍‌ଡିପିଓ ପଣ୍ଡା, ଥାନାଧିକାରୀ ସାହୁ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

# ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ

**ଦିଗପହଣ୍ଡି,୨।୧୦(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନ ଗୌଡ଼ଗାଁ କ୍ଲଷ୍ଟରର ବିଜୟଲକ୍ଷ୍ମୀ ନାରାୟଣପୁର ପ୍ରାଥମିକ ବିଦ୍ୟାଳୟରେ ସୋମବାର ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା, ଅତିରିକ୍ତ ଶିକ୍ଷାଧିକାରୀ ସୁଦାମ ଦାସ, ବିଶ୍ୱବା ପାଇକ, ସରପଞ୍ଚ ସୁଲତା ସାହୁ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷକ ପଦ୍ମନ ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ଗୋଷ୍ଠୀ ସାଧନ କର୍ମୀ ରାଜେନ୍ଦ୍ର ମାହାନ୍ତି ପରିଚାଳନା କରିଥିଲେ। କନିଷ୍ଠ ଓ ବରିଷ୍ଠ ବିଭାଗର ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେହିପରି ସୋମବାର ଅପରାହ୍ନ ପ୍ରାୟ ୩ଟାରେ ମଧୁବନ କ୍ଲଷ୍ଟର ବୋରିପଦର ହାଇସ୍କୁଲ ପରିସରରେ ଆୟୋଜିତ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ବାଳା ମାଝି, ସୁଦାମ ଦାସ, ବିଶ୍ୱବା ପାଇକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗିରୀଶ ଚନ୍ଦ୍ର ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବୈକୁଣ୍ଠ ନାଥ ଶୁକ୍ଳ, ଅଶୋକ କୁମାର ଶତପଥୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶିବ ଶଙ୍କର ମିଶ୍ର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତି ପ୍ରତିଯୋଗୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିବୃନ୍ଦ ପୁରସ୍କାର ବିତରଣ କରିଥିଲେ।

# ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳିତ

**ଛତ୍ରପୁର,୨।୧୦(ଡି.ଏନ.ଏ)**



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

ଜାତିର ଜନକ ମହାତ୍ମା ଗାନ୍ଧୀ ଅତି ଉଚ୍ଚ ଚିନ୍ତାଧାରାର ବ୍ୟକ୍ତିତ୍ୱ ଥିଲେ। ଆମ ପରିବେଶକୁ ସଫାସୁତୁରା ଏବଂ କାର୍ଯ୍ୟଶୈଳୀରେ ସଚ୍ଚୋଟତା ରଖିଲେ ନିଶ୍ଚିତରୂପେ ଗାନ୍ଧୀଙ୍କର ପ୍ରକୃତ ଦାୟଦ ହୋଇପାରିବା। ଛତ୍ରପୁରସ୍ଥିତ ପବ୍ଲିକ ସ୍କୁଲ ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଏଥିସହ ଜିଲାପାଳ ସ୍ୱଚ୍ଛ ଗଞ୍ଜାମ ପାଇଁ ଆହ୍ୱାନ ଦେଇଥିଲେ। ଜିଲାର ପ୍ରତ୍ୟେକ ବ୍ୟକ୍ତି ପଲିଥିନ ବର୍ଜନରେ ସହାୟତା କରିବା ସହିତ ବାହ୍ୟ ମଳମୁକ୍ତ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ସଫଳ ପାଇଁ ସେ ନିବେଦନ କରିଥିଲେ। ଜିଲା ପ୍ରଶାସନର କାର୍ଯ୍ୟାନୁଷ୍ଠାନ ପୂର୍ବରୁ ପ୍ରତ୍ୟେକ ବ୍ୟକ୍ତି ପଲିଥିନ ଅଗ୍ରାହ୍ୟ କରିବା ପାଇଁ ଜିଲାପାଳ କହିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଅଧକ୍ଷ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ସାମାଜିକ ଜୀବନରେ ପ୍ରତ୍ୟେକ ବ୍ୟକ୍ତି ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶରେ ସର୍ବଦା ଅନୁପ୍ରାଣିତ ହେବାକୁ କହିଥିଲେ। ମୁଖ୍ୟବକ୍ତାଭାବେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ ଯୋଗ ଦେଇଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିରଞ୍ଚି ନାରାୟଣ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ସର୍ବଧର୍ମ ପ୍ରାର୍ଥନା ହୋଇଥିଲା। ଏହି ଦିବସ ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାଥମିକ ସ୍ତରରେ ସୁନୟନା ନାୟକ, ଏସ୍ ଯଶ୍ୱିନୀ, ସୁଶ୍ରୀ ମନୀଷା ପାଣିଗ୍ରାହୀ, ଉଚ୍ଚପ୍ରାଥମିକ ସ୍ତରରେ ଆରାଧନା ଆଚାର୍ଯ୍ୟ, ପ୍ରଯୁକ୍ତାରାଣୀ ମହାନ୍ତି, ରୁଦ୍ରନାରାୟଣ ପଣ୍ଡା, ଉଚ୍ଚବିଦ୍ୟାଳୟସ୍ତରରେ କ୍ଷଣପ୍ରଭା ପଣ୍ଡା, ଗାୟତ୍ରୀ ଶତପଥୀ, ନିକିତା ସାହୁ ଏବଂ ମହାବିଦ୍ୟାଳୟ ସ୍ତରରେ ସାଗର ବେହେରା, ସୁସ୍ମିତା ପଣ୍ଡା ଓ ରଶ୍ମିରଞ୍ଜନ ମହାପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ନାଗରିକ କମିଟି ପକ୍ଷରୁ ସହରରେ ଗାନ୍ଧିଜୀଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ଜିଲାପାଳଙ୍କୁ ଅନୁରୋଧ କରାଯାଇଥିଲା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ବୁଧବାର, ଅକ୍ଟୋବର ୩/୨୦୧୮ Berhampur, Wednesday, October, 3/ 2018

# ଭୀଷ୍ମଗିରିରେ ପାନୀୟ ଜଳ ପାଇଁ ଆନ୍ଦୋଳନ ଦାନା ବାନ୍ଧୁଛି

ଦିଗପହଣ୍ଡି,୨।୧୦(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମରେ ପାନୀୟ ଜଳ ସଙ୍କଟର ସ୍ଥାୟୀ ସମାଧାନ ପାଇଁ ଆନ୍ଦୋଳନ ଦାନା ବାନ୍ଧୁଛି। ଭୀଷ୍ମଗିରି ଗୋଟିଏ ଗାଁ ଗୋଟିଏ ପଞ୍ଚାୟତ। ୧୬ଟି ୱାର୍ଡକୁ ନେଇ ଗଠନ ହୋଇଛି ପଞ୍ଚାୟତ। ପାନୀୟ ଜଳ କଷ୍ଟ ଦୂର ପାଇଁ ଗତ ୧୯୭୦ ମସିହାରେ ପ୍ରତିଷ୍ଠା କରାଯାଇଥିବା ପ୍ରକଳ୍ପ ଅଚଳ ହୋଇପଡ଼ିଛି। ଗତ ୧୫ ବର୍ଷ ମଧ୍ୟରେ ପ୍ରକଳ୍ପର ମରାମତି ଓ ପୁନରୁଦ୍ଧାର ପାଇଁ ପ୍ରାୟ ୧ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ ଲୋକଙ୍କୁ ପାଣି ମିଳୁନାହିଁ। ଏପରିକି ପାଣି ପାଇଁ ବହୁବାର ଆନ୍ଦୋଳନ, ଗୋଷ୍ଠୀ ସଂଘର୍ଷ ମଧ୍ୟ ଘଟିଛି।

ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦିଗପହଣ୍ଡି ଭାରପ୍ରାପ୍ତ ବିଡିଓ ପୀତାମ୍ବର ବେହେରାଙ୍କ ଜରିଆରେ ଗଞ୍ଜାମ ଜିଲାପାଳ ଏବଂ ସ୍ଥାନୀୟ ବିଧାୟକ ତଥା ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଉଦ୍ଦେଶ୍ୟରେ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ସାମାଜିକ କର୍ମୀ ବି. ରାଜାରାଓ ରେଡ୍ଡୀ, ମିଟୁ ସେଠୀ, ଗଙ୍ଗାଧର ସେଠୀ, ବୁଲୁ ବେହେରା, ପ୍ରଫୁଲ ବାଡ଼ତ୍ୟା, ସୁଦାମ ବେହେରା, ପ୍ରକାଶ ନାୟକ, ପି. ରାଜାରାଓ ପାତ୍ର, ବାବୁଲା ବେହେରା, ନାଗେଶ୍ୱର ପାତ୍ର ପ୍ରମୁଖ ଜଣାଇଛନ୍ତି।

୧୫ ହଜାର ଜନସଂଖ୍ୟା ବିଶିଷ୍ଟ ଭୀଷ୍ମଗିରି ପଞ୍ଚାୟତ ପାଇଁ ଦୈନିକ ୮ ମିଲିୟନ ଲିଟର ପାଣିର ଆବଶ୍ୟକତା ରହିଛି ବୋଲି ସରପଞ୍ଚ ପୀତାମ୍ବର ଗୌଡ଼ କହିଛନ୍ତି। ଗ୍ରାମ ନିକଟସ୍ଥ ରାମନଦୀ ପଠାରେ ୩ ଲକ୍ଷ ଟଙ୍କା ପଞ୍ଚାୟତ ପାଣ୍ଠିରୁ ବ୍ୟୟ କରାଯାଇ ଆଡ଼ିବନ୍ଧ ନିର୍ମାଣ କରାଯାଇଛି। ବହୁ ବର୍ଷର ପାଇପ ଗୁଡ଼ିକ ଫାଟି ଯାଇଥିବାରୁ ଗ୍ରାମର ଅର୍ଦ୍ଧାଧିକ ସାହିବସ୍ତିକୁ ପାଇପ ପାଣି ମିଳିପାରୁନାହିଁ। ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ପ୍ରାୟ ୨ କୋଟି ଟଙ୍କାର (ଡିପିଆର) ଡିଟେଲ ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଏହି ପ୍ରକଳ୍ପ ପ୍ରଶାସନିକ ମଞ୍ଜୁରୀ ଅପେକ୍ଷାରେ ଥିବା କନିଷ୍ଠ ଯନ୍ତ୍ରୀ ଇଂ. ଉତ୍ତମ କୁମାର ନାୟକ ଜଣାଇଛନ୍ତି। ପାନୀୟ ଜଳ ପ୍ରକଳ୍ପର ମରାମତି ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଥିବା ଭାରପ୍ରାପ୍ତ ବିଡିଓ ବେହେରା ଜଣାଇଛନ୍ତି। ଅପରପକ୍ଷରେ ପାନୀୟ ଜଳ ପ୍ରକଳ୍ପର ପୁନଃ ନିର୍ମାଣ ଓ ମରାମତି ପାଇଁ ରାଜ୍ୟ ସରକାର ବିଭିନ୍ନ ପର୍ଯ୍ୟାୟରେ ପ୍ରାୟ ୧ କୋଟି ଟଙ୍କା ଅନୁଦାନ ଯୋଗାଇ ଦେଇଛନ୍ତି। ମାତ୍ର ଏସବୁ ଅର୍ଥ ସଦ୍‌ବିନିଯୋଗ ନ ହୋଇ ବିଭାଗୀୟ କର୍ମଚାରୀ ଓ ଠିକାଦାରମାନଙ୍କ ଦ୍ୱାରା ମିଥ୍ୟା ବିଲ ଜରିଆରେ ବାଟମାରଣା କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।


ଭୀଷ୍ମଗିରିରେ ଥିବା ନବନିର୍ମିତ ପାନୀୟଜଳ ପ୍ରକଳ୍ପ କୋଠା।

- ବିଡିଓଙ୍କ ଜରିଆରେ ଜିଲାପାଳଙ୍କୁ ସ୍ମାରକପତ୍ର
- ୧ କୋଟି ବ୍ୟୟ ସତ୍ତ୍ୱେ ଲୋକଙ୍କୁ ମିଳୁନି ପିଇବା ପାଣି

## ସଂକ୍ଷେପରେ

### ନିର୍ମାଣ ଶ୍ରମିକଙ୍କୁ ଉପକରଣ ବଣ୍ଟନ

ଆର୍.ଉଦୟଗିରି ,୨।୧୦(ଡି.ଏନ୍.ଏ.): ଆର.ଉଦୟଗିରି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର କୋଠାବାଡ଼ି ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ସୁରକ୍ଷା ସାମଗ୍ରୀ ସହ ଉପକରଣ ବଣ୍ଟନ କରାଯାଇଛି। ଏଥିରେ ଜିଲା ଶ୍ରମ ଅଧିକାରୀ ଭି. ବେଣୁଗୋପାଳ ରାଓ, ସରପଞ୍ଚ ସଞ୍ଜୁକ୍ତା ପୂଜାରୀ, ନାଏବ ସରପଞ୍ଚ ଅରୁଣ ମଣ୍ଡଳ, ନିର୍ମାଣ ଶ୍ରମିକ ଜିଲା ସଂଯୋଜକ ଜ୍ୟୋତିନ୍ଦ୍ର ନାଥ ସଭାପତି, ବ୍ଲକ ସଂଯୋଜକ ସୁଦାମ ରଇତ ପ୍ରମୁଖ ଯୋଗଦେଇ ଶ୍ରମିକଙ୍କୁ ଉପକରଣ ବଣ୍ଟନ କରିଥିଲେ ଏବଂ ପଞ୍ଜୀକୃତ କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକଙ୍କୁ ସରକାରଙ୍କ ପକ୍ଷରୁ ମିଳୁଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ସୂଚନା ଦେଇଥିଲେ। ଏନେଇ ଆବଶ୍ୟକ ସୂଚନା ଦିଆଯାଇନଥିବାରୁ ବହୁ ଶ୍ରମିକମାନେ ଉପସ୍ଥିତ ରହିପାରିନଥିଲେ ବୋଲି ଜଣାପଡ଼ିଛି।

### ନଗରପାଳ ଦାୟିତ୍ୱ ନେଲେ ଜିଲା ପ୍ରକଳ୍ପ ଅଧିକାରୀ

ଆସିକା,୨।୧୦(ଡି.ଏନ୍.ଏ.)- ଆସିକା ଏନ୍‌ଏସିର ନଗରପାଳ ଭାବେ ଜିଲାଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ଅଧିକାରୀ ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ (ଆଇଏଏସ) ମଙ୍ଗଳବାର ମଧ୍ୟାହ୍ନରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅଧିକାରୀ ସ୍ୱାଇଁ ଏନ୍‌ଏସି କାର୍ଯ୍ୟାଳୟ ପରିଦର୍ଶନରେ ଆସିବା ପରେ ଏନ୍‌ଏସି ପକ୍ଷରୁ କାର୍ଯ୍ୟନିର୍ବାହୀ ଅଧିକାରୀ ସୁନିଲ୍ କୁମାର ତ୍ରିପାଠୀ ସ୍ୱାଗତ ଜଣାଇଥିଲେ। ସେହିଭଳି ଏନ୍‌ଏସିର ପୂର୍ବତନ ଅଧକ୍ଷା ମଧୁସ୍ମିତା ପୋଲାଇ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ଆସିକା ଏନ୍‌ଏସିରେ ଥିବା ଶିଶୁ ପାର୍କର ୧କୋଟି ଟଙ୍କା ବିନିମୟରେ ସ୍ୱାଇଁ ପୁନରୁଦ୍ଧାର କରାଇ ସୁନ୍ଦର ଶିଶୁ ପାର୍କ ନିମନ୍ତେ ସୂଚନା ଦେଇଥିବା ଜଣାପଡିଛି। ସେହିଭଳି ଏନ୍‌ଏସି ଇଲାକାର ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥରକ୍ଷା ନିମନ୍ତେ ଆବଶ୍ୟକ ରହିଥିବା ବିଭିନ୍ନ ପ୍ରକଳ୍ପର ଏକ ଚିଠା ପ୍ରସ୍ତୁତ କରି ତାଙ୍କ ନିକଟରେ ଦାଖଲ କରିବା ଲାଗି କାର୍ଯ୍ୟନିର୍ବାହୀ ଅଧିକାରୀ ତ୍ରିପାଠୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

## ବରଙ୍ଗରେ ଭାଜପାର ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ

ପାତ୍ରପୁର,୨।୧୦(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ବରଙ୍ଗ ଗ୍ରାମରେ ଭାଜପା ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ଗ୍ରାମ ସଫେଇ କରାଯାଇଛି। କାର୍ଯ୍ୟକ୍ରମରେ ବିଜେପି ଯୁବନେତା ମନୋରଞ୍ଜନ ଦ୍ୟାନ ସାମନ୍ତରା, ଆଦିବାସୀ ନେତା ଧନୁ ଶବର, କୃଷକ ମୋର୍ଚ୍ଚା ପ୍ରଭାରୀ ଅଜିତ ପ୍ରଧାନ, ଯୁବ ନେତା ଭିଲୁରୁ ଶିବ ପ୍ରସାଦ, ସଞ୍ଜୟ ମହାନ୍ତି, ଏ. ରାମକୃଷ୍ଣ, ଭି. ରାଘବ ପ୍ରମୁଖଙ୍କ ସମେତ ଶହେରୁ ଉର୍ଦ୍ଧ୍ୱ କର୍ମୀ ସାମିଲ ହୋଇଥିଲେ । ସେହିଭଳି ଗାନ୍ଧୀ ଜୟନ୍ତି ଅବସରରେ ଆମ୍ୱପୁର ଠାରେ ବିଜୁ ଯୁବ ବାହିନି ତରଫରୁ ନିଶାମୁକ୍ତ, ପ୍ଲାଷ୍ଟିକ ରୁ ମୁକ୍ତ ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ଏଥିରେ ବିଜୁ ଯୁବ ବାହିନିର ସଭାପତି ସଂଗ୍ରାମ କେଶରୀ ନାୟକ, ସୁମିତ କୁମାର ପ୍ରଧାନ ପ୍ରମୁଖ ସାମିଲ ଥିଲେ ।

## ସ୍ୱଚ୍ଛ ଓଡ଼ିଶା, ସ୍ୱତନ୍ତ୍ର ଗ୍ରାମସଭା କାର୍ଯ୍ୟକ୍ରମ

ଆସିକା,୨।୧୦(ଡି.ଏନ୍.ଏ.)

ଆସିକା ବ୍ଲକର ବିଭିନ୍ନ ପଞ୍ଚାୟତରେ ମଙ୍ଗଳବାର ସ୍ୱଚ୍ଛ ଓଡିଶା, ସୁସ୍ଥ ଓଡିଶା ଓ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପଞ୍ଚାୟତରେ ଜନସାଧାରଣ ପରିମଳ ବ୍ୟବସ୍ଥା ପ୍ରତି ସଚେତନ ରହି ସୁସ୍ଥ ଓଡିଶା ଗଠନ କରିବା ଲାଗି ଏବଂ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଦିଗରେ ସଂକଳ୍ପବଦ୍ଧ ହେବାଲାଗି ଆହ୍ୱାନ କରାଯାଇଥିଲା। ଏହି ବ୍ଲକର ବରଗାଁ ଓ ବାବନପୁର ପଞ୍ଚାୟତରେ ଅନୁଷ୍ଠିତ ଗ୍ରାମସଭାରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ଅଧିକାରୀ ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଶ୍ରମ ଦିବସ ସୃଷ୍ଟି ପୂର୍ବକ ଏହି କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ବିଜୁ ପକ୍କାଘର ଯୋଜନାରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ସାରି ସରକାରୀ ପ୍ରୋତ୍ସାହନ ହାସଲ ନିମନ୍ତେ ଜନସାଧାରଣଙ୍କୁ ସେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଗାୟତ୍ରୀଦତ୍ତ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସଚ୍ଚିଦାନନ୍ଦ ଦାସ ପ୍ରମୁଖ ସାମିଲ୍ ଥିଲେ। ବରଗାଁରେ ଅନୁଷ୍ଠିତ ଗ୍ରାମସଭାରେ ସରପଞ୍ଚ ତ୍ରିବେଣୀ ନାହାକ, ସମିତିସଭ୍ୟ ଶିବ ନାହାକଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିବାବେଳେ ବାବନପୁର ପଞ୍ଚାୟତ ଗ୍ରାମସଭାରେ ସରପଞ୍ଚ ସୌଦାମିନୀ ନାୟକ, ସମିତିସଭ୍ୟ ନର୍ମଦା ମୁନି, ଅନିଲ୍ କୁମାର ନାୟକ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।


ଗ୍ରାମ ସଭାରେ ଯୋଗ ଦେଇଥିବା ଜନସାଧାରଣ।

## ଗାୟତ୍ରୀ ପରିବାର ପକ୍ଷରୁ ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ

ବ୍ୟାଗ୍ ବଣ୍ଟନ, ସଚେତନତା ଶୋଭାଯାତ୍ରା

ସୋରଡ଼ା,୨।୧୦(ଡି.ଏନ୍.ଏ.)

ସୋରଡ଼ା ପୋଲିସ ଥାନା ସମ୍ମୁଖରେ ଗାୟତ୍ରୀ ପରିବାର ପକ୍ଷରୁ ସୋମବାର ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଆରମ୍ଭ ସହ ଜନସାଧାରଣଙ୍କୁ କପଡ଼ା ବ୍ୟାଗ୍ ବ୍ୟବହାର ପାଇଁ ସଚେତନ କରାଯାଇ ବ୍ୟାଗ୍ ବଣ୍ଟନ କରାଯାଇଛି। ଆଇଆଇସି ପ୍ରଭାତ ସାହୁ ଯୋଗଦେଇ ଯାତାୟାତ କରୁଥିବା ଜନସାଧାରଣଙ୍କୁ କପଡ଼ା ବ୍ୟାଗ୍ ବଣ୍ଟନ କରି ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନକୁ ସଫଳ କରିବାକୁ କହିଥିଲେ। ଏଥିରେ ଉପେନ୍ଦ୍ର ପାତ୍ର, ବିଜୟ ଗୌଡ଼, ନିରଞ୍ଜନ ଗୌଡ଼, ପ୍ରମୋଦ ଗୌଡ଼ ପ୍ରମୁଖ ଯୋଗ ଦେଇଥିଲେ। ଥାନାର ସମସ୍ତ କର୍ମଚାରୀଙ୍କୁ ବ୍ୟାଗ୍ ବଣ୍ଟନ କରାଯାଇ ଏହି କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ପାତ୍ର କହିଛନ୍ତି।

## ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ଉପଜିଲାପାଳ


ଉପଜିଲାପାଳ ଗଞ୍ଜାମ ଏନ୍‌ଏସିରେ ଉନ୍ନୟନ କାର୍ଯ୍ୟ ସମୀକ୍ଷା କରୁଛନ୍ତି।

ଗଞ୍ଜାମ,୨।୧୦(ଡି.ଏନ.ଏ.)

ଲୋକପ୍ରତିନିଧିଙ୍କ କାର୍ଯ୍ୟକାଳ ସରିବା ପରେ ଛତ୍ରପୁର ଉପଜିଲାପାଳ ଦେବବ୍ରତ ସାହୁ ମଙ୍ଗଳବାର ଗଞ୍ଜାମ ଏନ୍‌ଏସିରେ ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିଥିଲେ। ଉପଜିଲାପାଳ ସାହୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀଙ୍କ ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଏଥିସହିତ ଉନ୍ନତି ଯୋଜନାରେ ପ୍ରତ୍ୟେକ ୱାର୍ଡକୁ ଆସିଥିବା ୧୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ନା ନାହିଁ, ଆବାସ ଯୋଜନା, ପାଇଖାନା ନିର୍ମାଣ ଆଦି କାର୍ଯ୍ୟ କିପରି ଚାଲିଛି ସମୀକ୍ଷା କରିଥିଲେ। ଟିକସ ଆଦାୟ ଠିକ୍ ଭାବେ ହେଉଛି କି ନାହିଁ ସେ ଉପରେ ଟ୍ୟାକ୍ସ କଲେକ୍ଟରଙ୍କୁ ପଚାରି ବୁଝିଥିଲେ। ଅର୍ଦ୍ଧନିର୍ମିତ ପ୍ରକଳ୍ପ କାର୍ଯ୍ୟଗୁଡ଼ିକ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍. ନୀଳକଣ୍ଠ ନାଇଡୁଙ୍କୁ ଉପଜିଲାପାଳ ସାହୁ ନିର୍ଦ୍ଦେଶ ଦେଇଥିଲେ।




Regd Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. For more information, contact nearest Hero MotoCorp's authorised outlet or call Toll Free No.: 1800-266-0018 or visit heromotocorp.com. Always wear a helmet while riding a two-wheeler. Accessories and features shown may not be part of standard fitment. #Finance available at the sole discretion of the financiers. For more details please contact the nearest Hero MotoCorp dealership. *Terms and Condition apply. Offers valid in select states only. Limited period offers.
FINANCE PARTNER HeroFinCorp. HDFC BANK We understand your world IndusInd Bank TWO WHEELER LOANS
HeroMotoCorpIndia HeroMotoCorpLimited TheHeroMotoCorp HeroMotoCorp.com HeroMotoCorp
For Institutional and Bulk Sales please write to Kolkata@heromotocorp.com
ଅଥରାଇଜ୍‌ଡ ଡିଲର: ବ୍ରହ୍ମପୁର: ଲକ୍ଷ୍ମୀ ହୀରୋ - 7799766350. ଶ୍ରୀ କାଳେଶ୍ୱର ହୀରୋ - 7799766372. ଜୟପୁର: ସୁପ୍ରିମ ହୀରୋ - 7799766340. ଫୁଲବାଣୀ: ନାରାୟଣୀ ହୀରୋ - 7799766373. ରାୟଗଡ଼ା: ଅଜୀତ ହୀରୋ - 7799766358. ଅଥରାଇଜ୍‌ଡ ସର୍ଭିସ୍ ସେଣ୍ଟର: ଆସିକା: ଅଶୋକ ମୋଟର୍ସ - 273226. ପାରଳାଖେମୁଣ୍ଡି: ପ୍ରୀତମ ଏଣ୍ଟରପ୍ରାଇଜ - 224656. ମାଲକାନଗିରି: କନିଷ୍କ ଅଟୋମୋବାଇଲ୍‌ସ - 9437181980, 230514. ନବରଙ୍ଗପୁର: ଅରୁଣ ସେଲ୍‌ସ ଆଣ୍ଡ ସର୍ଭିସ - 223970. ସିମିଳିଗୁଡା: କେ.ପି.ଏଣ୍ଟରପ୍ରାଇଜ - 225222. ଦେବଗଡ଼ : ଜିନ୍ଦଲ ମୋଟର୍ସ : 9337774624.